


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

• ବର୍ଷ–୩୧ • ସଂଖ୍ୟା–୩୨୦ • ୧୯ ଡିସେମ୍ବର ୨୦୨୪, ଗୁରୁବାର • ଭୁବନେଶ୍ୱର • Vol -31 • Issue-320 • 19th December 2024, Thursday • Bhubaneswar | Licensed to post without pre-payment of postage No- BN-60/25-27


# ମୋ ବୟାନକୁ ଭୁଲ ଭାବେ ଉପସ୍ଥାପନ କରିଛି କଂଗ୍ରେସ : ଅମିତ ଶାହା



**ନୂଆଦିଲ୍ଲୀ, ୧୮/୧୨**

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଦ୍ୱାରା ବାବା ସାହେବ ଆମ୍ବେଦକରଙ୍କ ଉପରେ ଦିଆଯାଇଥିବା ବୟାନକୁ ନେଇ ସମଗ୍ର ବିରୋଧୀଦଳ ବିଜେପି ଉପରେ ଆକ୍ରମଣ କରିବା ସହ ଅମିତ ଶାହାଙ୍କ ଇସ୍ତଫା ଦାବି କରିଛନ୍ତି । ଏବେ ବିରୋଧୀଦଳଙ୍କ ଏହି ଦାବି ଉପରେ ନିଜର ପକ୍ଷ ରଖିଛନ୍ତି ଶାହା। ସେ କହିଛନ୍ତି ଯେ କଂଗ୍ରେସ ତାଙ୍କ ବୟାନକୁ କଦର୍ଥ କରି ଭୁଲଭାବେ ଉପସ୍ଥାପନ କରିଛି। ଅମିତ ଶାହ କହିଛନ୍ତି, ଗୌରବ ଯାତ୍ରାର ୭୫ ବର୍ଷ ପୂର୍ତ୍ତି ନେଇ ଗୃହରେ ସମ୍ବିଧାନ ସଂପର୍କରେ ଆଲୋଚନା ହୋଇଥିଲା। ତେବେ କଂଗ୍ରେସ ଯେଉଁଳି ତଥ୍ୟକୁ ବିକୃତ କରିଛି ତାହାକୁ ମୁଁ ନିନ୍ଦା କରୁଛି। ଅମିତ ଶାହା କହିଛନ୍ତି, କଂଗ୍ରେସ ଏକ ସମ୍ବିଧାନ ବିରୋଧୀ ଦଳ। ସାବରକରଙ୍କୁ ଅପମାନିତ କରିଥିଲା କଂଗ୍ରେସ। ଜରୁରୀକାଳୀନ ପରିସ୍ଥିତି ଆଣି କଂଗ୍ରେସ ସମ୍ବିଧାନକୁ ଉଲ୍ଲଂଘନ କରିଛି। ସେନାକୁ ଅପମାନିତ କରିଥିଲା। ଅନେକ ଥର ବାବାସାହେବଙ୍କୁ ଅପମାନିତ କରିଥିଲା ।

ଅମିତ ଶାହା କହିଛନ୍ତି, ୧୯୫୧-୫୨ ନିର୍ବାଚନରେ କଂଗ୍ରେସ ବାବାସାହେବଙ୍କୁ ହରାଇବାକୁ ଚେଷ୍ଟା କରିଥିଲା। ବାବା ସାହେବଙ୍କୁ ଭାରତ ରତ୍ନ ଦେବାକୁ କଂଗ୍ରେସ କେବେ ଚାହିଁନଥିଲା। କଂଗ୍ରେସ ବାବା ସାହେବଙ୍କୁ ବିରୋଧ କରିବା ସହ ସମ୍ବିଧାନକୁ ବିରୋଧ ଜାରି ରଖିଛି। ଦେଶରେ ନେହେରୁ, ଇନ୍ଦିରା, ରାଜୀବଙ୍କ ଅନେକ ସ୍ମାରକୀ ନିର୍ମାଣ ହୋଇଥିଲେ ମଧ୍ୟ ଆମ୍ବେଦକରଙ୍କ ସ୍ମାରକୀ ନିର୍ମାଣ ହୋଇନଥିଲା। ଅମିତ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦିଙ୍କ ସରକାର ବାବାସାହେବ ପଞ୍ଚତନ୍ତ୍ରର ବିକାଶ କରିଛନ୍ତି। ନାଗପୁରରେ ଦୀକ୍ଷା ଭୂମିର ବିକାଶ ହୋଇଥିଲା । ନଭେମ୍ବର ୧୯, ୨୦୧୫ରେ ପ୍ରଧାନମନ୍ତ୍ରୀ ସମ୍ବିଧାନ ଦିବସ ଘୋଷଣା କରିଥିଲେ। ବିରୋଧୀ ଦଳକୁ ଗୃହମନ୍ତ୍ରୀ ଅମିତ ଶାହ କଡା ଭାଷାରେ ସମାଲୋଚନା କରିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ କଂଗ୍ରେସକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଗୃହମନ୍ତ୍ରୀ କଂଗ୍ରେସର କଳା ଇତହାସର ପର୍ଦ୍ଦାଫାସ କରିଥିଲେ। ସେମାନେ ତଥ୍ୟ ଉପସ୍ଥାପନାକୁ ଦେଖି ପୂରା ଚକିତ ହୋଇପଡ଼ିଛନ୍ତି। ତେଣୁ ଏବେ ସେମାନେ ନାଟକ କରୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନ

# ‘ଖୁବ୍‌ଶୀଘ୍ର କେନ୍ଦୁଝରରୁ ଦିଲ୍ଲୀକୁ ୩ ଦିନ ଟ୍ରେନ୍ ଚଳାଚଳ’



**କେନ୍ଦୁଝର ୧୮।୧୨**
**ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ତିନି ଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତର ବୁଧବାର ଥିଲା ଦ୍ୱିତୀୟ ଦିନ । ପୂର୍ବାହ୍ନ ସକାଳ ୧୧ଟା ୧୫ ମିନିଟ୍ ସମୟରେ ମୁଖ୍ୟମନ୍ତ୍ରୀ ପୁରୁଣା ସହର ସିଦ୍ଧମଠ ଠାରେ ଭୂମି ପୂଜନ କାର୍ଯ୍ୟକ୍ରମରେ ଯୋଗ ଦେଇ ସିଦ୍ଧାମଠ ସ୍ଥିତ କେଶବ ବାବାଙ୍କ ଆଶ୍ରମ ପରିସରରେ ଏକ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେଠାରେ ତାଙ୍କୁ ବନ୍ଦାପନା କରି ପାଛୋଟି ନିଆ ଯାଇଥିଲା । ଏହାପରେ ମୁଖ୍ୟମନ୍ତ୍ରୀ ଅନ୍ୟଏକ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ଯେ, ରାଜ୍ୟରେ ଅଧିକ ନିଯୁକ୍ତି କିପରି ସୃଷ୍ଟି ହୋଇପାରିବ ସେ ନେଇ ସରକାର କାର୍ଯ୍ୟରତ ଅଛନ୍ତି। କେନ୍ଦୁଝରରୁ ଖୁବ୍ ଶୀଘ୍ର ଦିଲ୍ଲୀକୁ ତିନି ଦିନ ଟ୍ରେନ୍ ଚଳାଚଳ କରିବ । ଏଥି ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଶେଷରେ ଇଣ୍ଡିଆନ ବାଇ ବାର୍ଥ ପକ୍ଷରୁ ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଏକ ଆମ୍ବୁଲାନ୍ସ ଲୋକାର୍ପିତ ହୋଇଥିଲା। କାର୍ଯ୍ୟକ୍ରମ ସାରି ମୁଖ୍ୟମନ୍ତ୍ରୀ ୧୨ଟା ୩୦ ମିନିଟ୍ ସମୟରେ ସେଠାରୁ ସିଧା ସର୍କିଟହାଉସ୍ ଫେରି ପୁଣି ୧ଟା ସମୟରେ ହ୍ୟାଣ୍ଡବଲ୍ ପଡ଼ିଆରେ ଚାଲିଥିବା ରାଜ୍ୟ ସ୍ତରୀୟ ସବ୍ ଜୁନିୟର ହ୍ୟାଣ୍ଡବଲ୍ ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ବିଜୟୀ ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ଏହାପରେ ୧ଟା ୩୦ ମିନିଟ୍ ସମୟରେ ଅଡ଼ିଟୋରିୟମ୍‌ରେ ଇଣ୍ଡିଆନ ବାଇ ବାର୍ଥ ନାମକ ସ୍ୱେଚ୍ଛାସେବୀ ସଂଗଠନର ବାର୍ଷିକ ଉତ୍ସବରେ ଯୋଗ ଦେଇଥିଲେ । ତାଙ୍କ ସହିତ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଓ (ପୃଷ୍ଠା ୭ରେ)

## ଦୁଇ ମାସରେ ସରିବ ଆବାସ ସର୍ଭେ



**ଭୁବନେଶ୍ୱର, ୧୮/୧୨**
**ନ୍ୟୁଜ ବ୍ୟୁରୋ**

ଆସନ୍ତା ଦୁଇ ମାସରେ ସରିବ ଆବାସ ସର୍ଭେ । ଏବେ ଗ୍ରାମାଞ୍ଚଳରେ ସର୍ଭେ ଆରମ୍ଭ ହୋଇଛି । ଗ୍ରାମସଭା ମାଧ୍ୟମରେ ପ୍ରତି ଗାଁରେ ସଚେତନତା କରାଯାଉଛି। ଲୋକଙ୍କୁ ସର୍ଭେରେ ସାମିଲ କରାଯାଉଛି ବୋଲି କହିଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ । ଯେଉଁମାନେ ବି ଆବାସ ପାଇବାରୁ ବାଦ ପଡ଼ିଛନ୍ତି, କାହାକୁ ବାଦ ଦିଆଯିବ ନାହିଁ । ବ୍ୟବସ୍ଥା ଲୋକଙ୍କ ପାଖରେ ପହଞ୍ଚାଇବାର ଆବଶ୍ୟକତା ଅଛି । ବିଭାଗର ଟ୍ରେନର ମାନେ ଗାଁ ଗାଁରେ ଲୋକଙ୍କୁ ଡାକି ସଚେତନ କରୁଛନ୍ତି । ଯିଏ ବଞ୍ଚିତ ହୋଇଛନ୍ତି, ଗରିବ ଅଛନ୍ତି, ବଞ୍ଚିତ ଅଛନ୍ତି, ସେମାନଙ୍କୁ ସାମିଲ କରାଯାଉଛି। ସର୍ଭେକୁ ବିଭାଗ ଅଧିକ ଗୁରୁତ୍ୱ ଦେଉଛି। ମନ୍ତ୍ରୀ ମାନେ ଜିଲ୍ଲା ଗସ୍ତ ସମୟରେ ଆବାସ ସର୍ଭେର ସମୀକ୍ଷା କରୁଛନ୍ତି । ଦିଲ୍ଲୀ ଗସ୍ତ ସମୟରେ ମଧ୍ୟ କେନ୍ଦ୍ର ମନ୍ତ୍ରୀଙ୍କ ସହ ଆବାସ ବାବଦରେ ଆଲୋଚନା କରିବେ ବୋଲି କହିଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ।

# ଗେଟୱେ ଅଫ୍ ଇଣ୍ଡିଆ ନିକଟରେ ବଡ଼ ଦୁର୍ଘଟଣା: ଡଙ୍ଗା ଓଲଟି ୧୩ ମୃତ



**ମୁମ୍ବାଇ, ୧୮/୧୨**

ମୁମ୍ବାଇର ଗେଟୱେ ଅଫ୍ ଇଣ୍ଡିଆ ନିକଟରେ ଏକ ବଡ଼ ଦୁର୍ଘଟଣା ଘଟିଛି। ନୌସେନା ବୋଟ୍ ଅପରାହ୍ନ ପ୍ରାୟ ୩ଟା୫୫ ସମୟରେ ‘ନିଲକମଲ’ ଯାତ୍ରୀବାହୀ ବୋଟ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ୧୦୦ରୁ ଅଧିକ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ବୋଟ୍ ମୁହାଁମୁହିଁ ଧକ୍କା ଯୋଗୁ ଓଲଟି ପଡିଥିଲା। ଇତି ମଧ୍ୟରେ ୧୦୧ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବାବେଳେ କେତେକ ଯାତ୍ରୀ ନିଖୋଜ ଥିବା କୁହାଯାଉଛି। ପୁଲିସ ସୂଚନା ଅନୁସାରେ ଡଙ୍ଗା ବୁଡ଼ିଯାଇଛି। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଚାଲିଛି। ପୁଲିସ କହିଛି ଯେ, ନିଲମଲ ବୋଟ୍ ମୁମ୍ବାଇ ନିକଟସ୍ଥ ‘ଏଲିଫେଣ୍ଟା’ ଦ୍ୱୀପ ଆଡକୁ ଯାଉଥିଲା, କିନ୍ତୁ ଏହା ଓରଣ ନିକଟରେ ବୁଡ଼ି ଯାଇଥିଲା। ପୋଲିସ ଅଧିକାରୀ କହିଛନ୍ତି ଯେ, ଜବାହରଲାଲ ନେହେରୁ ବନ୍ଦର କର୍ତ୍ତୃପକ୍ଷ, ତଟରକ୍ଷୀ ବାହିନୀ ଏବଂ ମତ୍ସ୍ୟଜୀବୀଙ୍କ ସହାୟତାରେ ଘଟଣାସ୍ଥଳରେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରହିଛି। ଭାରତୀୟ ତଟରକ୍ଷୀ ବାହିନୀର ଜଣେ ଅଧିକାରୀ କହିଛନ୍ତି, ଏପର୍ଯ୍ୟନ୍ତ ୧୦୧ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି ଏବଂ ଭାରତୀୟ ତଟରକ୍ଷୀ ବାହିନୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଆଇସିଜି ଜାହାଜ ଦ୍ୱାରା ସର୍ଚ୍ଚ ଅପରେସନ ବେଳେ ୧୩ ମୃତଦେହ ମଧ୍ୟ ଉଦ୍ଧାର କରାଯାଇଛି। ଡଙ୍ଗା ଯାତ୍ରୀଙ୍କୁ ନେଇ ଅପରାହ୍ନ ୩ଟା ୧୫ରେ ଯାତ୍ରା ଆରମ୍ଭ କରିଥିବା କୁହାଯାଉଛି। ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ କହିଛନ୍ତି, ମୁମ୍ବାଇ ନିକଟରେ, ବୁଚର୍ ଦ୍ୱୀପଠାରେ ଏକ ନୌସେନା ବୋଟ୍ ଅପରାହ୍ନ ପ୍ରାୟ ୩ଟା୫୫ ସମୟରେ ‘ନିଲକମଲ’ ଯାତ୍ରୀବାହୀ ବୋଟ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ସୂଚନା ଅନୁଯାୟୀ ସନ୍ଧ୍ୟା ସାଢ଼େ ୭ଟା ପର୍ଯ୍ୟନ୍ତ ୧୦୧ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି ଏବଂ ୧୩ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ, (ପୃଷ୍ଠା ୭ରେ)

# ଆମ୍ବେଦକରଙ୍କ ବିରୋଧରେ କଂଗ୍ରେସ ପାପର ତାଲିକା ଦେଲେ ମୋଦି



**ନୂଆଦିଲ୍ଲୀ, ୧୮/୧୨**

କଂଗ୍ରେସ ଓ ଏହାର ପ୍ରଚାର ବ୍ୟବସ୍ଥା ଅନେକ ବର୍ଷ ଧରି ସମ୍ବିଧାନର ପ୍ରତିଷ୍ଠାତା ବିଆର ଆମ୍ବେଦକରଙ୍କୁ ଅପମାନିତ କରି ଚାଲିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିଯୋଗ କରିଛନ୍ତି। ବିଆର ଆମ୍ବେଦକରଙ୍କ ବିରୋଧରେ କଂଗ୍ରେସ କରିଥିବା ‘ପାପ’ର ତାଲିକା ମଧ୍ୟ ମୋଦି ଜାରି କରିଛନ୍ତି। ମଙ୍ଗଳବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ରାଜ୍ୟସଭାରେ ଆମ୍ବେଦକରଙ୍କ ସମ୍ପର୍କରେ ଦେଇଥିବା ବୟାନକୁ ଆଧାର କରି କଂଗ୍ରେସ ତାଙ୍କ ଇସ୍ତଫା ଦାବିରେ ବିକ୍ଷୋଭ କରିଚାଲିଛି। ଏହାରି ଭିତରେ ବୁଧବାର ପ୍ରଧାନମନ୍ତ୍ରୀ ମୋଦି କଂଗ୍ରେସକୁ ଆମ୍ବେଦକର ପ୍ରସଙ୍ଗରେ ସମାଲୋଚନା କରିଛନ୍ତି। କଂଗ୍ରେସ କେମିତି ତଥାକଥିତ ଭାବେ ସମସ୍ତ ପ୍ରକାରର ଖରାପ ତରିକା ଆପଣାଇ ଡ ବିଆର ଆମ୍ବେଦକରଙ୍କ ଚିହ୍ନବର୍ଣ୍ଣ ଲିଭାଇ ଦେବା ପାଇଁ ଚେଷ୍ଟା କରିଥିଲା ଓ କେମିତି ଦଳ ଅନୁସୂଚିତ ଜାତି ଓ ଜନଜାତିଙ୍କୁ ହଇରାଣ କରିଥିଲା, ସେକଥା ମୋଦି ବିସ୍ତୃତ ଭାବେ ନିଜ ଏକ୍ସ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି। ମୋଦି କହିଛନ୍ତି, “ଯଦି କଂଗ୍ରେସ ଓ ଏହାର ପ୍ରଚାର ବ୍ୟବସ୍ଥା ଭାବୁଛନ୍ତି ଯେ ସେମାନଙ୍କର ବିଦ୍ୱେଷପୂର୍ଣ୍ଣ ମିଛ ଦୀର୍ଘ ବର୍ଷ ଧରି ସେମାନେ କରିଥିବା ପାପ ଓ ବିଶେଷ କରି ଡ ଆମ୍ବେଦକରଙ୍କ ପ୍ରତି ସେମାନେ କରିଥିବା ଅପମାନକୁ ଲୁଚାଇ ଦେବ, ତା’ହେଲେ ଏହା ସେମାନଙ୍କର ଭୁଲ ଧାରଣା।” ଆମ୍ବେଦକରଙ୍କ ପ୍ରତି କଂଗ୍ରେସ କରିଥିବା “ପାପ”ର ତାଲିକା ଜାରି କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ “କଂଗ୍ରେସ କେବଳ ଆମ୍ବେଦକରଙ୍କୁ ଭାରତ ରତ୍ନ ଦେବାକୁ ମନା କରି ନଥିଲା, (ପୃଷ୍ଠା ୭ରେ)

# ବୈଷ୍ଣବ ଚରଣ ସାମଲ ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର



**ଭୁବନେଶ୍ୱର, ୧୮/୧୨**
**ନ୍ୟୁଜ ବ୍ୟୁରୋ**

ଘୋଷଣା ହୋଇଛି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର । ଚଳିତ ବର୍ଷ ବିଶିଷ୍ଟ ସାହିତ୍ୟିକ ବୈଷ୍ଣବ ଚରଣ ସାମଲଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିବ ବୋଲି ଘୋଷଣା ହୋଇଛି।

‘ଭୂତି ଭକ୍ତି ବିଭୂତି’ ପ୍ରବନ୍ଧ ପୁସ୍ତକ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିବ। ଆଧାତ୍ମିକ ଚିନ୍ତନ, ବିଶ୍ୱଦୃଷ୍ଟି ଏବଂ ମାନବିକ ଭାବନାରେ ଋଦ୍ଧିମନ୍ତ ଏହି ପୁସ୍ତକ ବେଶ ଉଚ୍ଚ ପ୍ରଶଂସିତ ହୋଇଛି। ଜଣେ ଉଚ୍ଚ ମୂଲ୍ୟବୋଧଭିତ୍ତିକ ପ୍ରାବନ୍ଧିକ ଏବଂ ସମାଲୋଚକ ଭାବେ ବୈଷ୍ଣବ ଚରଣ ସାମଲଙ୍କ ସୁଖ୍ୟାତି ରହିଛି।

ବୈଷ୍ଣବ ଚରଣ ସାମଲ ୧୯୩୯ ମସିହା ଫେବୃଆରୀ ୨୭ ତାରିଖରେ ଅବିଭକ୍ତ କଟକ ଜିଲ୍ଲା ଓ ବର୍ତ୍ତମାନର କେନ୍ଦ୍ରାପଡ଼ା ଜିଲ୍ଲାର ଚାରିଗାଁଠାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପ୍ରଥମ କବିତା ଥିଲା ‘ନେତା କିଏ’। ୧୯୬୪-୬୫ ମସିହାରୁ ସେ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟ ଲେଖିବା ଆରମ୍ଭ କରିଥିଲେ। ତାଙ୍କ ଲିଖିତ ପ୍ରଥମ ପ୍ରବନ୍ଧ ଥିଲା ମରୁତୀର୍ଥ। ତାଙ୍କ ଲେଖା, ସେ ସମୟର ବହୁ ପତ୍ରିକାରେ ପ୍ରକାଶ ପାଉଥିଲା।

ସେହି ସବୁ ପ୍ରବନ୍ଧ ମଧ୍ୟରୁ କୋଡ଼ିଏଟି ପ୍ରବନ୍ଧକୁ ସଂକଳିତ କରି, ୧୯୭୧ ମସିହାରେ ‘ଜଗନ୍ନାଥ ରଥ’ ପ୍ରକାଶନ ସଂସ୍ଥା ତାଙ୍କର ପ୍ରଥମ ପୁସ୍ତକ ପ୍ରକାଶ କରିଥିଲେ। ପୁସ୍ତକଟିର ନାମ ଥିଲା ‘କଳା ସଂସ୍କୃତି ଓ ସାହିତ୍ୟ’। ସେହି ବର୍ଷ ତାଙ୍କର ପ୍ରଥମ କବିତା ପୁସ୍ତକ ସମୟରେ ଲିପି ମଧ୍ୟ ପ୍ରକାଶ ପାଇଥିଲା।

ଅଧ୍ୟାପନାକୁ ବୃତ୍ତି ଭାବରେ ଗ୍ରହଣ କରିଥିବା ବୈଷ୍ଣବ ଚରଣ, ୧୯୬୬ମସିହାରେ ଫକୀରମୋହନ (ପୃଷ୍ଠା ୭ରେ)

# ସାଂସଦ-ବିଧାୟକଙ୍କ ପାଇଁ ଖୋଲିବ ସ୍ୱତନ୍ତ୍ର ସେଲ୍

**ଭୁବନେଶ୍ୱର, ୧୮/୧୨**
**ନ୍ୟୁଜ ବ୍ୟୁରୋ**

ଏଣକି ଅଫିସରମାନେ ସାଂସଦ ଓ ବିଧାୟକମାନଙ୍କୁ ଆଉ ଅଣଦେଖା କରିପାରିବେ ନାହିଁ । ସମ୍ମାନ ଜଣାଇବେ, ସେମାନଙ୍କ କଥା ଶୁଣି ଆଇନର ଗଣ୍ଡି ଭିତରେ ରହି ପଦକ୍ଷେପ ମଧ୍ୟ ନେବେ । ପ୍ରତ୍ୟେକ ମାସରେ ବିଧାୟକ ଓ ସାଂସଦମାନେ କେଉଁ ବିଭାଗ ସହ କ’ଣ ପତ୍ର ବିନିୟମ କରିଛନ୍ତି ତା’ର ମଧ୍ୟ ମାସିକ ଉଚ୍ଚସ୍ତରୀୟ ସମୀକ୍ଷା ହେବ । ଏଭଳି କିଛି ଢଙ୍ଗରେ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସବୁ ବିଭାଗର ସଚିବମାନଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇ ବୁକ୍ ସର୍କୁଲାର-୪୭ରେ ଥିବା ପ୍ରାବଧାନ ଆଧାରରେ ସାଂସଦ ଓ ବିଧାୟକମାନଙ୍କୁ ପ୍ରଶାସନିକ କଳ ସମ୍ମାନ ଦେବାକୁ ବାଧ୍ୟ ବୋଲି ସତର୍କ କରାଇ ଦିଆଯାଇଛି ।

ରାଜ୍ୟ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର ସମସ୍ତ ବିଭାଗର ସଚିବଙ୍କୁ ଚିଠି ଲେଖି ବିଧାୟକ ଓ ସାଂସଦମାନଙ୍କୁ ବୁକ୍ ସର୍କୁଲାର-୪୭ର ପ୍ରାବଧାନ ଆଧାରରେ ଆବଶ୍ୟକ ସମ୍ମାନ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବିଧାୟକ ଓ ସାଂସଦମାନଙ୍କ ଚିଠି ଓ ସୁପାରିସ ଆଦି ଉପରେ ବିଚାର କରିବା ପାଇଁ ଯେଉଁ ବିଭାଗଗୁଡ଼ିକ ଏପର୍ଯ୍ୟନ୍ତ ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ସେଲ୍ ଖୋଲିନାହାନ୍ତି ସେମାନେ ମଧ୍ୟ ତୁରନ୍ତ ଏହି ସେଲ୍ ଖୋଲିବାକୁ କହିଛନ୍ତି । ଏହି ସେଲ୍ ଦାୟିତ୍ୱରେ ବିଭାଗ ପକ୍ଷରୁ ଜଣେ ନୋଡାଲ ଅଫିସର ଓ ଡିଲିଂ ଅଫିସର ମଧ୍ୟ ନିଯୁକ୍ତି ପାଇବେ । ଯିଏ ସାଂସଦ ଓ ବିଧାୟକମାନଙ୍କ ଚିଠି, ସୁପାରିସ ଓ ଅନ୍ୟାନ୍ୟ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବେ। ସମ୍ପୃକ୍ତ ବିଭାଗ ଅଧୀନରେ ଥିବା ନିର୍ଦ୍ଦେଶାଳୟ ଓ ଜିଲ୍ଲା-ବ୍ଲକସ୍ତରୀୟ ଅଫିସ୍ ମଧ୍ୟ ବିଧାୟକ ଓ ସାଂସଦମାନଙ୍କ ଚିଠି ଓ ସୁପାରିସ ଉପରେ କ’ଣ ପଦକ୍ଷେପ ନେଇଛନ୍ତି ତାହା ପ୍ରତିମାସର ୧୦ତାରିଖରେ ନିଜ ବିଭାଗକୁ ପଠାଇବେ । ଯାହାକୁ ସମ୍ପୃକ୍ତ ବିଭାଗ ଏକ ନିର୍ଦ୍ଧାରିତ ଫର୍ମାଟରେ ପ୍ରତିମାସର ୧୫ତାରିଖରେ ସାଧାରଣ ପ୍ରଶାସନ ବିଭାଗକୁ ପଠାଇବ । ମୁଖ୍ୟ ସଚିବ ନିଜେ ପ୍ରତିମାସର ୨୦ତାରିଖରେ ଏହାର (ପୃଷ୍ଠା ୭ରେ)

## ୧୦ଲକ୍ଷ ଟଙ୍କା ଲାଞ୍ଚ ମାମଲା ୩ ଅଭିଯୁକ୍ତଙ୍କୁ ମିଳିଲା ଜାମିନ

**ଭୁବନେଶ୍ୱର ୧୮।୧୨**
**ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରରେ ସିବିଆଇ ରେଡ୍ ବେଳେ ଦାମୀ କାର୍‌ରୁ ୧୦ ଲକ୍ଷ ଟଙ୍କା ଜବତ ଘଟଣାରେ ଗିରଫ ୩ ଅଭିଯୁକ୍ତ ବ୍ରିଜ୍ ଆଣ୍ଡ୍ ରୁଫ୍ କମ୍ପାନୀ (ଇଣ୍ଡିଆ) ଲିମିଟେଡ୍‌ର ଜିଜିଏମ୍ ଚଞ୍ଚଳ ମୁଖାର୍ଜୀ, ଆଦିତ୍ୟ ଦେବ ଇନ୍‌ଫ୍ରା କମ୍ପାନୀର ଏମ୍‌ଡି ଦେବଦତ୍ତ ମହାପାତ୍ର ଏବଂ ଠିକାଦାର ସନ୍ତୋଷ ମହାରଣାଙ୍କୁ ସିବିଆଇ ସ୍ୱତନ୍ତ୍ର କୋର୍ଟ ଜାମିନ୍ ମଞ୍ଜୁର କରିଛନ୍ତି। ଏକଲକ୍ଷ ଟଙ୍କା ବ୍ୟକ୍ତିଗତ ମୁଚାଲିକାରେ କୋର୍ଟ ସେମାନଙ୍କୁ ଜାମିନ୍ ଦେଇଛନ୍ତି। ତେବେ ସହର ବାହାରକୁ ନଯିବା ପାଇଁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ମଙ୍ଗଳବାର ବ୍ରିଜ୍ ଆଣ୍ଡ ରୁଫ୍ କୋ (ଇଣ୍ଡିଆ) ଲିମିଟେଡର ଜେନେରାଲ ମ୍ୟାନେଜର ଭୂପେନ୍ଦ୍ର କୁମାର ସିଂହ ସିବିଆଇରେ ହାଜର ହୋଇଥିଲେ। ଭୂପେନ୍ଦ୍ରଙ୍କୁ ମାରାଥନ ଜେରା କରିଥିଲା ସିବିଆଇ।


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


## ଏକାଳ ସକାଳ



ଆହାକି ଖେଳ ଲାଗିଲା ଭାଇନା
ଗାବାର ଏହି ଟେଷ୍ଟ
କେବେ କଙ୍ଗାରୁ କେବେ ବାଘ ଖେଳିଲା
ଦେଖାଇ ନିଜର ଚେଷ୍ଟ
କରିକେଟ ଆଟ୍‌ଲଟ୍‌ସ ବେଷ୍ଟ
ଠିକ୍ ଏଣ୍ଡିଂ ବେଳେ ବର୍ଷା କରିଲା
କରପିଲେ ଏବେ ରେଷ୍ଟ

# ମାଲ୍ୟା-ନୀରବଙ୍କ ଠାରୁ ହଜାର ହଜାର କୋଟି ଟଙ୍କାର ସମ୍ପତ୍ତି ଜବତ



**ନୂଆଦିଲ୍ଲୀ, ୧୮।୧୨**

ବିଜୟ ମାଲ୍ୟା ଓ ନୀରବ ମୋଦିଙ୍କ ଠାରୁ ବଡ଼ ଆକାରର ସମ୍ପତ୍ତି ଜବତ। ଦେଶରେ ବ୍ୟାଙ୍କଗୁଡିକୁ ଚୂନା ଲଗାଇ ଏମାନେ ଦେଶ ଛାଡିଥିଲେ। ଏବେ ଏହି ଦୁଇଠକଙ୍କ ଠାରୁ ଭାରତ ସରକାର କୋଟିକୋଟି ଟଙ୍କାର ସମ୍ପତ୍ତି ଜବତ କରିବାରେ ସଫଳ ହୋଇଛନ୍ତି। କେବଳ ବିଜୟ ମାଲ୍ୟାଙ୍କ ଠାରୁ ୧୪ହଜାର ୧୩୧ଟଙ୍କାର ସମ୍ପତ୍ତି ଜବତ ହୋଇଥିବାବେଳେ ନୀରବ ମୋଦିଙ୍କ ଠାରୁ ୧ହଜାର ୫୨କୋଟି ଟଙ୍କା ଜବତ ହୋଇଛି। ଶୀତକାଳୀନ ଅଧିବେଶନରେ ସଂସଦକୁ ଏଭଳି ତଥ୍ୟ ଦେଇଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ସେ ଆହୁରି କହିଛନ୍ତି, ଆର୍ଥିକ ଅପରାଧ ସହ ଜଡିତ ଲୋକଙ୍କ ଠାରୁ ମୋଟ ୨୨ହଜାର ୨ଶହ ୮୦କୋଟି ଟଙ୍କା ଜବତ କରିବାରେ ଭାରତ ସରକାର ସଫଳ ହୋଇଛନ୍ତି। ତେବେ ଏହିସବୁ ଜବତ ହୋଇଥିବା ସମ୍ପତ୍ତି ବ୍ୟାଙ୍କଗୁଡିକୁ ଫେରାଇ ଦିଆଯାଇଥିବା ନିର୍ମଳା କହିଛନ୍ତି। ନୀରବ ମୋଦିଙ୍କ ମାମଲାରେ ୧ହଜାର ୫୨.୫୮କୋଟି ଟଙ୍କା ସାର୍ବଜନୀନ ଓ ଘରୋଇ ବ୍ୟାଙ୍କଗୁଡିକୁ ପ୍ରଦାନ କରାଯାଇଛି। ଏହାସହ ସରକାର ଏପରି ସମ୍ପତ୍ତି ଜବତ କରି ବାର୍ତ୍ତା ଦେବାକୁ ଚେଷ୍ଟା କରିଛନ୍ତି ଯେ, ଦେଶରୁ ଲୁଟ୍ କରି ବିଦେଶକୁ ପଳାଇଲେ ବି ରକ୍ଷା ମିଳିବ ନାହିଁ। କେଉଁଠାରୁ (ପୃଷ୍ଠା ୭ରେ)

# ‘ରାଜ୍ୟରେ ଖୁବ୍‌ଶୀଘ୍ର ଲାଗୁ ହେବ ଆୟୁଷ୍ମାନ ଭାରତ ଯୋଜନା’



**ଭୁବନେଶ୍ୱର, ୧୮।୧୨**
**ନ୍ୟୁଜ ବ୍ୟୁରୋ**

ଖୁବ୍‌ଶୀଘ୍ର ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହେବ। ଯୋଜନା କାର୍ଯ୍ୟକାରିତା ନେଇ ଭୁବନେଶ୍ୱରରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଟିମ୍ ପହଞ୍ଚି ରାଜ୍ୟ ସରକାରଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ସଚିବ ଅଶ୍ୱଥି ଏସ୍ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଓଡ଼ିଶାରେ ଏହି ଯୋଜନାକୁ କିଭଳି କାର୍ଯ୍ୟକାରୀ କରାଯିବ ସେ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଛି। ନୂଆ ଆର୍ଥିକ ବର୍ଷ ପୂର୍ବରୁ ଏହି ଯୋଜନା କାର୍ଯ୍ୟକାରୀ ହେବା ନେଇ ଆଶାବାଦୀ ରହିଛୁ ବୋଲି ସଚିବ କହିଛନ୍ତି।

ସମ୍ପାଦକୀୟ

# ଚୀନ୍ ସମକକ୍ଷ ହୋଇପାରିବନି ଭାରତ

ଭାରତୀୟ ଅର୍ଥନୀତିର ଭବିଷ୍ୟତ ବେଶ ଉଜ୍ଜ୍ୱଳ ଥିଲେ ମଧ୍ୟ ଚୀନ୍ ଅତୀତରେ ଯେଉଁଭଳି ଲମ୍ବା ସମୟ ପର୍ଯ୍ୟନ୍ତ ଉଚ୍ଚ ଅଭିବୃଦ୍ଧି ହାସଲ କରିଥିଲା, ଭାରତ ତାହାର ସମକକ୍ଷ ହୋଇପାରିବନି। ମର୍ଗାନ୍ ଷ୍ଟାନ୍‌ଲିର ଏସିଆ ମୁଖ୍ୟ ଅର୍ଥନୀତିଜ୍ଞ ଚେତନ ଆହ୍ୟା ଏହା କହିଛନ୍ତି। ସେ କହିଛନ୍ତି ଯେ ଲମ୍ବା ସମୟ ଭିତ୍ତିରେ ଭାରତ ୬.୫ ପ୍ରତିଶତରୁ ୭ ପ୍ରତିଶତ ଅଭିବୃଦ୍ଧି ହାସଲ କରିପାରିବ। କିନ୍ତୁ ୧୯୭୮ର ଅର୍ଥନୈତିକ ସଂସ୍କାର ପରେ ଚୀନ୍ ଯେଉଁଭଳି ତିନି ଦଶନ୍ଧି ଧରି ୮-୧୦% ଅଭିବୃଦ୍ଧି ହାସଲ କରିଥିଲା, ଭାରତ ତାହାର ସମକକ୍ଷ ହୋଇପାରିବନି। ବିଶ୍ୱର ମାନୁଫାକ୍ଚରିଂ ହବ୍ ଭାବେ ଚୀନର ସ୍ଥାନ ନେବାଠାରୁ ଭାରତ ବହୁ ଦୂରରେ ରହିଥିବା ସେ କହିଛନ୍ତି। ଆହ୍ୟାଙ୍କ ମତରେ ଭାରତର ଅଭିବୃଦ୍ଧିରେ ରହିଥିବା ଦୁଇଟି ବଡ଼ ପ୍ରତିବନ୍ଧକ ହେଉଛି ଭିତ୍ତିଭୂମିର ଅଭାବ ଓ ଅଳ୍ପ କୁଶଳୀ ଶ୍ରମଶକ୍ତି। ଏହି ଦୁଇ ବଡ଼ କାରଣ ପାଇଁ ଭାରତର ଅଭିବୃଦ୍ଧି ୬-୭% ମଧ୍ୟରେ ରହିଯିବ। କିଛି ଦିନ ପୂର୍ବେ ମର୍ଗାନ ଷ୍ଟାନ୍‌ଲି ଏକ ରିପୋର୍ଟରେ କହିଥିଲା ଯେ ୨୦୦୩ରୁ ୦୭ ପର୍ଯ୍ୟନ୍ତ ଭାରତ ହାରାହାରି ଭାବେ ୮ ପ୍ରତିଶତ ଅଭିବୃଦ୍ଧି ହାସଲ କରିଥିଲା। ବର୍ତ୍ତମାନ ଅର୍ଥନୀତି ଯେଉଁଭଳି ଭାବେ ଗତି କରୁଛି ତାହା ସେହି ସମୟର ସ୍ମୃତିକୁ ତାହା କରିଛି। ମାନୁଫାକ୍ଚରିଂ କ୍ଷେତ୍ରରେ ଏକ ମହାଶକ୍ତିରେ ପରିଣତ ହେବା ଲାଗି ଭାରତ ଉଦ୍ୟମ କରୁଛି। ଚୀନରୁ ମୁହଁ ଫେରାଉଥିବା କମ୍ପାନିଗୁଡ଼ିକୁ ଆକୃଷ୍ଟ କରିବା ଲାଗି ଏହା ଉତ୍ପାଦନଭିତ୍ତିକ ପ୍ରୋତ୍ସାହନ ସ୍କିମ୍ ଘୋଷଣା କରିଛି। ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର, ଫ୍ୟାବଲେସ୍, ଇଲେକ୍ଟ୍ରିକ୍ ଯାନ ଉପକରଣ କ୍ଷେତ୍ରରେ ଏହା ବିଶେଷ ଅଗ୍ରଗତି ହାସଲ କରିଛି। ଫୋନ୍ ଉତ୍ପାଦନରେ ଏହା ଆପଲ୍ ଓ ସାମସଙ୍ଗ ଭଳି କଂପାନି ଆକୃଷ୍ଟ କରିପାରିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗା, କ୍ଷମା, ଶିବା, ଧାତ୍ରୀ
ସ୍ୱାହା ସ୍ୱଧା ନମୁତେ ।'

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ ବ୍ୟ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁର୍ଗା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

ଲକ୍ଷ୍ୟ ମୋର ପାଉ ନାହିଁ

(କ୍ରମଶଃ)

# ପୁଞ୍ଜି ଆମର : ଫାଇଦା ତାଙ୍କର



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୬୧୩
E-mail: mayadharnayak2014@gmail.com

ପୃଥିବୀରେ ଆଠଶହ କୋଟି ଜନସଂଖ୍ୟା । ପ୍ରକୃତିର ଅପାରଭଣ୍ଡାର। ମାଟି ତଳଉପର ସବୁ ସଂପତ୍ତିରେ ୮୦୦ କୋଟି ଲୋକଙ୍କ ଅଧିକାର । କିନ୍ତୁ ଏବେ ମାତ୍ର ୫ଭାଗ ମଣିଷ ୯୫ଭାଗେ ସଂପତ୍ତିର ମାଲିକ । ବାକି ୫ଭାଗ ସଂପତ୍ତିକୁ ୯୫ଭାଗ ମଣିଷ। ଏବେ ପୃଥିବୀରେ କୌଣସି ଦେଶରେ ସମାଜବାଦ ନାହିଁ। ପୁଞ୍ଜିବାଦ ରାଜୁତି କରୁଛି। ସବୁ ପୁଞ୍ଜି ଆମର ଫାଇଦା ତାଙ୍କର।

ମୁଣ୍ଡଝାଳ ତୁଣ୍ଡରେ ମାରି ବଂଚୁଥିବା କୋଟି କୋଟି ମଣିଷର କରଟିକସରେ ସୁପୁଷ୍ଟ ରାଜକୋଷରୁ ଖର୍ଚ୍ଚ ହୁଏ କାହାପାଇଁ ? ଦେଶରେ ପ୍ରଦେଶରେ ଯେଉଁ ଶହଶହ ସରକାରୀ ଯୋଜନାର ସୁଅ ଛୁଟେ ସେଥିରେ ସୁନାମର ସିଂହଭାଗ ମିଳିଥାଏ ପ୍ରଧାନମନ୍ତ୍ରୀ ଆଉ ମୁଖ୍ୟମନ୍ତ୍ରୀମାନଙ୍କୁ। ତଥାକଥିତ ରାଜକୃପାଗୁଡିକ ଯେ ପ୍ରଜାମାନଙ୍କର ବହୁ କଷ୍ଟଲବ୍ଧ ଉପାର୍ଜନର ଅଂଶବିଶେଷ ଦ୍ୱାରା ବହୁସ୍ଫୀତ - ଏଥିରେ କ'ଣ କାହାର ସନ୍ଦେହ କରିବାର ଅଛି ? ଜନଗଣଙ୍କୁ ଯୋଜନାର ଇନ୍ଦ୍ରଜାଲରେ ସୁନାଇଲିଶି ପରି ଛନ୍ଦି ରଖିବାର ଗୋଟିଏ ଗୋଟିଏ ଫୁଙ୍ଗୁଳା ଫନ୍ଦିଫିକର ଏସବୁ ରାଜକୃପାର କାରୁକାର୍ଯ୍ୟ, ନହେଲେ ଶାସକ ଓ ପ୍ରଶାସକପକ୍ଷର ମିଳିତ ଚକ୍ରରେ ଜନଗଣଙ୍କୁ କେବଳ ପଦ୍ମତୋଳା ଶୁଣାଇ ଚାଲିବାରେ ଆମ ରାଜନୀତିର ପାଂଚ ପାଂଚୋଟି ବର୍ଷ ପାଉଁଶ ପିଣ୍ଡୁଳା ପାଲଟିଯାଏ। ଯା'ଭିତରେ ବି ଆହୁରି କେତେ କେତେ କ୍ରୋମାଇଟ୍, ଲୁହାପଥର, ଖଣିଜସାମଗ୍ରୀ ଇତ୍ୟାଦି ଦେଶ ବାହାରକୁ ଚାଲାଣ ହୋଇସାରିଛି। ଏପରିକି ଭାରତର ଖଣିଗୁଡାକ ପ୍ରାୟ ଖୋଳ ହେବା ଉପରେ। କେତେବେଳେ କିମିତି ନୂଆ ଇସ୍ପାତ କାରଖାନାର ଇସ୍ତାହାର ଖବରକାଗଜରେ ପ୍ରକାଶ ପାଇ ଦେଶବାସୀଙ୍କୁ ଖୁସିର କିଛିଟା ଖୁଚୁରା ବଣ୍ଟାଯାଉଛି। ହେଲେ ସରକାର ଇସ୍ପାତ କାରଖାନା ଦୂରେ ଥାଉ ଗୋଟିଏ ଛୁଞ୍ଚି କାରଖାନା ବି ଯା ଭିତରେ କେଉଁଠି ତିଆରି ହେଲାଣି କି ? ଏ ପ୍ରଶ୍ନ କେଉଁମାନେ ଉଠାଇବା ଦରକାର ? ଜନଦରବାରରୁ ହିଁ ସରକାରଙ୍କୁ ଏ ପ୍ରଶ୍ନ ପଚାରିବାର ବେଳ ପହଞ୍ଚିଯାଇଛି। ଜନଗଣଙ୍କ ପୁଞ୍ଜିରେ ସରକାରୀ ତହବିଲ ଭରପୂର ହୋଇଉଠେ। କିନ୍ତୁ ଭୋକର ଭୂଇଁ ଆଉ ଶୋଷର ସମୁଦ୍ର ମଝିରେ ଏ ଜାତି ସେମିତି ଯେଉଁ ତିମିରେକୁ ସେଇ ତିମିରେ। କୌଣସି ଶାସକ ବା ପ୍ରଶାସକ ତାଙ୍କ ନିଜ ପକେଟରୁ ବା ବ୍ୟକ୍ତିଗତ ଜମାଖାତାରୁ ଜନସ୍ୱାର୍ଥ ସୁରକ୍ଷା ପାଇଁ ପାହୁଲାଟିଏ ମଧ୍ୟ ଖର୍ଚ୍ଚ କରନ୍ତି କି ? ଆମକୁ ଲାଜ ମାଡିବା ଦରକାର ଯେ - ନିର୍ବାଚନ ଆସିଗଲେ ଯେଉଁ ଶହଶହ କୋଟି ଟଙ୍କା ପ୍ରଚାର କାର୍ଯ୍ୟକ୍ରମରେ ଖର୍ଚ୍ଚ ହୁଏ, ସେ ଟଙ୍କା ବି ଆମର। ଅଥଚ ଆମେ ନାନା ନାରାବାଜିର ନାଗରା ପିଟିଚାଲିଥିବା ବିଭିନ୍ନ ଦଳର ହାଇକମାଣ୍ଡମାନଙ୍କ ତିଆରିକରା ବକ୍‌ବାଜି ଶୁଣୁ, ଆଉ ଶୀତତାପ ନିୟନ୍ତ୍ରିତ ବଖରାଗୁଡାକରେ ବସିଥିବା ବିନାକାମରେ ହାଲିଆ ହାକିମମାନଙ୍କ ଲମ୍ବାଚଉଡା ହାଲ୍ଲାଗୁଲା ଶୁଣୁ। ଆମ ଟିକସର ଟଙ୍କା ଏ ଦେଶ ପ୍ରଦେଶର ଅର୍ଥନୀତି ପାଇଁ ମୂଳଦୁଆ ଗଢେ, ଆଉ ରାଜନୀତି ପାଇଁ ସୃଷ୍ଟି କରେ ବିସ୍ତର ବ୍ୟୟବହୁଳ ସୁରକ୍ଷାବଳୟ। ଆମ ଟଙ୍କାରେ କିଣା ଯାଉଥିବା ବୁଲେଟପ୍ରୁଫ୍ ଜ୍ୟାକେଟ୍ ସେମାନଙ୍କ ପାଇଁ - ଯେଉଁମାନେ ଆମ ଜମିର ଜବରଦଖଲକାରୀମାନଙ୍କର ପୃଷ୍ଠପୋଷକତା କରି ସରକାରୀ ବନ୍ଧୁକର ଗୁଳି ଉଦ୍ଦେଶ୍ୟରେ ଲକ୍ଷ୍ୟସ୍ଥଳ ସ୍ୱରୂପ ଚିହ୍ନଟ କରିଥାନ୍ତି ଆମମାନଙ୍କ ଛାତିର ପଞ୍ଜରା ହାଡ। ଏ କି ପ୍ରହସନର ପ୍ରକ୍ରିୟା ଯେ - ରାଜନୀତିର ରଙ୍ଗମଂଚରେ ଉଭା ହୋଇଆସୁଥିବା ଆମର ଛଦ୍ମବେଶୀ ବିନାଶକାରୀମାନଙ୍କୁ ହିଁ ଆମେ ଭଦ୍ରବେଶୀ ବିକାଶକାରୀର ବିଜ୍ଞପ୍ତିରେ ଆମ ଇଲାକାଆଡକୁ ଆମନ୍ତ୍ରଣ କରିଆସୁଛୁ। ଆମ ଧାନଜମି ଉପରେ ଶିଳ୍ପବିକାଶର ଶିଳାନ୍ୟାସ - ଆମ ପାନବରଜ ଉପରେ ଚିମିନି ଧୂଆଁର ଛାଇ - ସବୁଠି ଗୋଟାଏ ମଉଳା ପକ୍ଷର ମୁହଁଅନ୍ଧାର ସନ୍ଧିକ୍ଷଣ। ମାଟି, ପାଣି, ପବନରେ ପ୍ରଦୂଷଣର ପ୍ରେତପୂଜା ଚାଲିଛି। ଅଥଚ ମୁନାଫାଖୋର ମାଲିକ ଶ୍ରେଣୀର ମଦତ୍‌ରେ ମଣିଷ ବିରୋଧୀ ଗୋଟାଏ ଷଡଯନ୍ତ୍ର ର । ଜ ନ 1 ତ ି ର ମୁଖ୍ୟମନ୍ତ୍ରଣାଦାତାମାନଙ୍କ ନୀତି ପାଲଟିଛି କେବଠାରୁ।

ଏ ନୀତି କେତେ ଅନୀତି, କେତେ ଦୁର୍ନୀତି, ସେ ନିଷ୍ପତ୍ତି ନେବାପାଇଁ ସି.ବି.ଆଇ.କୁ ବେଳ ନାହିଁ କି ଭିଜିଲାନ୍ସକୁ ତର ନାହିଁ। ଏ ସବୁ କଥା ବିଚାରିବାକୁ ବି ଆମ ଉତ୍ତାଭୋଗୀ ବୁଦ୍ଧିଜୀବୀମାନଙ୍କୁ ଟିକିଏ ଅବସର ନାହିଁ। ଚାଲିଛି ଗୋଟାଏ ଅନ୍ଧଶାସନ ବର୍ଷ ବର୍ଷ ଧରି। ଶୋଇପଡିଛି ଗୋଟାଏ ଅନ୍ଧାକାନୁନ୍ କୁମ୍ଭକର୍ଣ୍ଣ ପରି। କେହି କାହା କଥା ଶୁଣିବାକୁ ଚାହୁଁନାହାଁନ୍ତି। କହିଚାଲିଛନ୍ତି ଥୋକେ - ପଛେ ପଛେ ପଟୁଆର ପ୍ରସ୍ତୁତ କରୁଛନ୍ତି ପାଳିଧରା ଲୋକେ। ଏ ପାଳିଆମାନଙ୍କ ପାଲାରେ ଫାଇଦା କେବଳ ଥିଲାବାଲାଙ୍କର। ସେମାନେ ମହାପାତ୍ର ଆଉ ଆମେ ସବୁ ନଥିଲାବାଲାଏ ଜଣେ ଜଣେ ଜଳକା ମାତ୍ର। ଏ ଜଳକା ହେବାର ରାତି ସରିଯାଇ ଅନ୍ଧାରକୁ ଜଳାଯିବାର ଦିନ କ'ଣ ଏ ଓଡିଆମାନଙ୍କ ମୁଲକରେ ଆସିବନାହିଁ ?

ପ୍ରତି ପାଞ୍ଚବର୍ଷରେ ଯୋଡହସ୍ତ ମୁଦ୍ରାରେ ଯେଉଁ ମଖମଲିମୁଖାପିନ୍ଧା ଚରିତ୍ରମାନେ ଜାମାଯୋଡ ହୋଇ ଆମକୁ ସୁସଜ୍ଜିତ ମଞ୍ଚଉପରୁ ନହେଲେ ମଇଦାନରୁ ମିଠମିଠା ମୁରକିହସର ଉପହାର ବାଣ୍ଟିବାକୁ ଆସନ୍ତି - ସେମାନଙ୍କୁ ଫୁଲମାଳ ନୁହେଁ, ବରଂ ବଢ଼େଇ ଦେବା ଦରକାର ଆମ ହୃଦୟଫଟା ପ୍ରଶ୍ନର କଣ୍ଟାମାଳ। ସେମାନଙ୍କୁ ପଚାରିବା ଦରକାର ଯେ - ଆମପାଇଁ ଯେଉଁ ଫାଇଲପତ୍ରର ଚାଷ ଚାଲିଛି - ସେ ଚାଷର ଭାଷା କିଏ ବୁଝିବ ? ସରକାର ଓଡିଶାର - ହେଲେ ସରକାରୀ ଭାଷା ଏଯାବତ୍ ଓଡିଆର ନୁହେଁ। ଏ ବେହିସାବୀ ଅଧାସାହେବୀ ଭାଷାର ବେପରୁଆ ଶାସନ କ'ଣ ଆମକୁ ଗୋଲାମ କରିରଖିବାର ଗୋଟାଏ ମତଲବ ନୁହେଁ ?

ଆମ କଙ୍କାଳ ଉପରେ ଯେଉଁ ପ୍ରଶାସକମାନେ କୋଣାର୍କ ଗଢିବାର ଅପଚେଷ୍ଟା କରୁଛନ୍ତି, ସେମାନେ ବି ସେଇ ସରକାରୀ ଢୋଲ ଭିତରେ ଗୋଟାଏ ଗୋଟିଏ ମାରାତ୍ମକ ମୂଷା। ଦେଶବାସୀଙ୍କ ଖୋରାକ ଲୁଟିନେବା ହିଁ ସେମାନଙ୍କ ଅଭିସନ୍ଧି। ଅଥଚ ଏ ଦେଶର ଶାସକ ଜନଗଣଙ୍କ ଅପେକ୍ଷା ବେଶି ଭରସା କରନ୍ତି ପ୍ରବଞ୍ଚକ ପ୍ରଶାସକ ପକ୍ଷଙ୍କୁ। କେବଳ ଯାହା ଭୋଟ୍ ବେଳ ଆସିଗଲେ ଜନଗଣଙ୍କୁ ନେତାମାନଙ୍କ ସାକ୍ଷାତ ମିଳେ, ନହେଲେ ବାକିଦିନ ସବୁ କଟିଯାଏ ସଚିବାଳୟରେ ଚା' ପିଇପିଇ ଅଥବା ଘନଘନ ରାଜନୈତିକ ଉଡାଣରେ ହାଓ୍ୱା ଖାଇଖାଇ। ରାସ୍ତାଗୁଡାକ ସେତିକିବେଳେ ମରାମତି ହୁଏ, ଯେତିକିବେଳେ ଗାଁ'ଗଣ୍ଡାକୁ ପାଦ ପଡ଼ିବାର ଥାଏ ନେତାମାନଙ୍କର। ପୋଲଗୁଡାକ ସେତିକିବେଳେ ଠିକ୍‌ଠାକ୍ ହୁଏ, ଯେତିକିବେଳେ ସହରଗୁଡାକୁ ପଟୁଆରୀ ରାଜନୀତିର ଚରିତ୍ରମାନେ ଗସ୍ତକାର୍ଯ୍ୟକ୍ରମରେ ବ୍ୟସ୍ତ ରହିବାର ଥାଏ। ପ୍ରଚାର ସରିଗଲେ - ଭୋଟ୍‌ବେଳ ଗଡିଗଲେ - ଫଳାଫଳ ବାହାରିଗଲେ - ପାଂଚପାଂଚଟି ବର୍ଷ ପୁଣି ଚାଲେ ଘୁଙ୍ଗୁଡିମରା ପ୍ରହସନ। ସରକାର କ'ଣ ଗାଦିର ଗୋବରଗଣେଶ ହେବାପାଇଁ ଜନଗଣଙ୍କ ଠାରୁ ମତାଧିକାର ପାଇଛନ୍ତି ? ଏ ପ୍ରଶ୍ନ କୌଣସି ସରକାରୀ ଚରିତ୍ର ନିଜେ ଟିକେ ନିଜକୁ ଅନ୍ତତଃ ଦୁଇ ସେକେଣ୍ଡ ପାଇଁ ପଚାରିପାରିବେ କି ? ଗଦିରେ ମାଲିକ, ଗାଦିରେ ଶାସକ, ଅଥଚ ନିରୁପାୟତାର ନଦୀବନ୍ୟାରେ ଏକବାରେ ଉବୁଟୁବୁ ଆମେ ସବୁ ଅନ୍ଧ-ମୂକ-ବଧିର ଦେଶର ଦୁର୍ଗତ ଜନତା। ଜନାଦେଶରେ ଯେଉଁ ରାଜନୀତି ଏଇ ପ୍ରତି ପାଂଚବର୍ଷରେ ପିନ୍ଧିଥାଏ ମୁକୁଟ ଆଉ ହାସଲ କରିଥାଏ ମସ୍‌ନଦ୍ - ସେଇ ମୁକୁଟ ଓ ମସ୍‌ନଦ୍‌କୁ ମୁହୁର୍ମୁହୁଃ ଧିକ୍କାର କରେ ଏ ମାଟି, ଏ ପାଣି, ଏ ପବନ ! ହେଲେ ଅନବରତ ବଜାୟ ରହିଆସିଥିବା ଏ ଅନାଚାର ବିରୋଧରେ ଚିତ୍କାର କରିବାକୁ ଗୋଟିଏ ବି ମଣିଷ ଦେଖିବାକୁ ମିଳୁଛି କେଉଁଠି କାହିଁ ?

ଆଜି ମନେହେଉଛି, ସାରାଦେଶ ଯେପରି ଏକ ଶୋକପ୍ରାର୍ଥନାସୁଲଭ ନିରବତାରେ ନିରନ୍ତର ନିୟୋଜିତ। ପାଞ୍ଚମିନିଟର ନିରବତା ଯେପରି ପାଲଟିଯାଇଛି ପାଞ୍ଚ ପାଞ୍ଚ ବର୍ଷର ନିଃଶବ୍ଦତା। କାରଣ ଶବ୍ଦଟିଏ ଶୁଭୁନି - ଦେଶର ଭାଗ୍ୟ ବଦଳାଇବାର ସପକ୍ଷରେ କି ପଦଟିଏ ଶୁଭୁନି - ଦେଶବାସୀଙ୍କ ପାଇଁ ପରିବର୍ତ୍ତନ ଆଣିବାର ବାତାବରଣ ସଂପର୍କରେ। ଏ ଯେଉଁ ନିରବନିଷ୍କ୍ରିୟ ରାଜନୀତିର ଧାରା ଆମମାନଙ୍କୁ ନିକମା କରିରଖିବାକୁ ଆମ ଜୀବନଭୂମିରେ ନକଲି ଚାରାଗୁଡାକ ପୋତିଚାଲିଛି - ତା'ର ଶେଷ ଦିନ ପାଇଁ ପ୍ରତିବାଦ ଓ ପ୍ରତିରୋଧର ପ୍ରସ୍ତୁତିପର୍ବ ଏବଠୁ ଜରୁରୀ ହୋଇପଡିଲାଣି। ଜନଗଣ ଆଉ କାଳକ୍ଷେପଣ ନକରି ଆମ ଡାଳଭଙ୍ଗା ଏ ନିର୍ମୂଳୀ ରାଜନୀତିକୁ ଜବାବ ଦିଅନ୍ତୁ। ଆଜି ଜବାବ ନଦେଲେ ଆସନ୍ତାକାଲି ଏ ନକଲି ନବାବମାନେ ଆମ ଗଣତନ୍ତ୍ରକୁ ନିଜନିଜ ଜଘନ୍ୟ ଜମିଦାରିରେ ଗୋଟାପଣେ ଗୋଡି କରିଦେବାପାଇଁ ସୁଦ୍ଧା ମୁହୂର୍ତ୍ତେ ପଛାଇବେନାହିଁ। ଏଇ କଥାଟି ବୁଝିବିଚାରି ଏଥର ଆଗେଇ ଆସିବେ କି ଆମ ଜନଦରବାରର ଜୋର୍‌ଦାର୍ ମଣିଷମାନେ ? ପୁରାତନ ମର୍ତ୍ତ୍ୟ ଧ୍ୱସ୍ତବିଧ୍ୱସ୍ତ ହେବାର ବେଳ ଆଗତ - କୁଚକ୍ରୀ ରାଜନୀତିକ ଗୋଷ୍ଠିଚାଳିତ ସାମ୍ପ୍ରତିକ ସୂର୍ଯ୍ୟାସ୍ତ ନିଲାମ ଆଇନ୍‌ର ଉଚ୍ଛେଦ ନିମନ୍ତେ ସମୟ ସମାଗତ। ମାଟି ଡାକୁଚି, ପାଣି ଡାକୁଚି, ପବନ ଡାକୁଚି - ମାଆ ଡାକୁଚି - ଏଥର ପୁଅଝିଅମାନେ ପଦେ 'ଓ' କହିବେକି ? ଘରେ ସୁନା ପୁଅଝିଅ ହେଲେ ଚଳିବ, ହେଲେ ବାହାରେ ନାଟ କରୁଥିବା ବାହାପିଆ ବାହାଦୁରମାନଙ୍କ ଆଗରେ ସୁନା ପୁଅଝିଅ ପରି ମୁହଁରେ ତୁଣ୍ଡିବାନ୍ଧି ତୁଣ୍ଡ ନ ଫିଟାଇଲେ ଚଳିବ କି ? ଆଜିର ସମାଜରେ ନକଲି ରାଜନୀତିଆଙ୍କୁ ଶାନ୍ତି ଦେବାପାଇଁ ଶାନ୍ତଶିଷ୍ଟ ସୁନାପିଲାଏଯାକ ଏବଠୁ ହିଁ ଦୁର୍ଦ୍ଦାନ୍ତଦୁର୍ବାର ଦୁଷ୍ଟପିଲା ହେବା ଦରକାର।

# ଉଦୀୟମାନ ଯୁବପିଢ଼ି



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭

ପୃଥିବୀର ପ୍ରାୟ ପ୍ରତ୍ୟେକ ଦେଶରେ ବେକାରୀ ସମସ୍ୟା ଦେଖାଯାଏ, ଆମ ଦେଶ ଭାରତ ବର୍ଷରେ ମଧ୍ୟ ଏହି ସମସ୍ୟା ଗୁରୁତର ରୂପ ନେବାକୁ ବସିଲାଣି। ୨୦୨୦-୨୧ ମସିହା ସମୟରେ କୋଭିଡି ଜନିତ କଟକଣା ଯୋଗୁଁ ବେକାରୀ ସମସ୍ୟା ବଢ଼ିଯାଇ ଜନସଂଖ୍ୟାର ୧୨.୬% ପ୍ରତିଶତ ଥିଲା କିନ୍ତୁ ୨୦୨୨ ଏପ୍ରିଲ ମାସ ଠାରୁ ଜୁନ ମାସ ମଧ୍ୟରେ ହୋଇଥିବା ପରିସଂଖ୍ୟାନ ଅନୁଯାୟୀ ଏହା ନିମ୍ନଗାମୀ ହୋଇ ୭.୬% ପ୍ରତିଶତରେ ପହଞ୍ଚିଛି। ଯଦିଓ ଏହା ଖୁସିର ଖବର ତଥାପି ୧୪୨ କୋଟି ଜନସଂଖ୍ୟା ବିଶିଷ୍ଟ ପୃଥିବୀର ସବୁଠାରୁ ବଡ଼ ଗଣତନ୍ତ୍ର ରାଷ୍ଟ୍ର ପାଇଁ ଜନସଂଖ୍ୟାର ୭.୬ % ପ୍ରତିଶତ ବେକାରୀ ମଧ୍ୟ ବଡ଼ ଚିନ୍ତାର ବିଷୟ । ଯୁବ ସମାଜ ଏହି ବେକାରୀ ସମସ୍ୟାକୁ ଖୁବ କଷ୍ଟରେ ସାମ୍ନା କରିବାକୁ ବାଧ ହେଉଛନ୍ତି, ସରକାର ଯେତେ ଶୀଘ୍ର ଏହାର ସମାଧାନ କରିବେ ସେତେ ଶୀଘ୍ର ଏହା ଦେଶ ପାଇଁ ଶୁଭଙ୍କର ବୋଲି ପ୍ରମାଣିତ ହେବ । ଯୁବ ଶକ୍ତି ଆଗାମୀ କାଲିର ଭବିଷ୍ୟତ ଏବଂ ଦେଶ ପ୍ରଗତିର ଅବିଚ୍ଛେଦ୍ୟ ଅଙ୍ଗ କହିଲେ ଅତ୍ୟୁକ୍ତି ହେବନାହିଁ।

ଯେତେବେଳେ ଦେଶରେ ଅର୍ଥନୈତିକ ଭାରସାମ୍ୟ ରହେ ନାହିଁ , ଧନୀ ଆହୁରି ଧନୀ ହୋଇ ଚାଲେ ଏବଂ ଦରିଦ୍ର ଆହୁରି ବେଶୀ ବେଶୀ ଦରିଦ୍ର ହୋଇ ଯାଏ, ସେହି କ୍ଷେତ୍ରରେ ଦେଶରେ ଅରାଜକତା ବଢିବାକୁ ଆରମ୍ଭ କରେ । ସରକାର ଯଦି ଏହି ପ୍ରକ୍ରିୟାକୁ ନିଜ ବୁଦ୍ଧି ବଳରେ ନିୟନ୍ତ୍ରଣ କରି ନ'ପାରନ୍ତି ତେବେ ଜନତା ଅନେକ ସମୟରେ ନିର୍ଯାତିତ ହୁଅନ୍ତି ଏବଂ ନିର୍ଯାତନାର ସୀମା ଟପି ଗଲେ ରାଜରାସ୍ତାକୁ ଓହ୍ଲାଇ ଆସନ୍ତି, ତଥା ଆଇନ କାନୁନକୁ ବେଖାତିର କରି ମନଇଚ୍ଛା ଦେଶର ସମ୍ପତ୍ତିକୁ ନଷ୍ଟ ଭ୍ରଷ୍ଟ କରଥା'ନ୍ତି । ଅତୀତରେ ଶ୍ରୀଲଙ୍କା ପରିସ୍ଥିତି ଠିକ ଏହିପରି ହୋଇଥିଲା । ପୁଞ୍ଜିପତି ମାନେ ଦେଶ ପାଇଁ ଗର୍ବ ଏହା କ'ଣ ସତ୍ୟ? ସେହି ପୁଞ୍ଜି ସେମାନେ କେଉଁଠାରୁ ସଂଗ୍ରହ କଲେ ? ପୁଞ୍ଜିର ବିନିଯୋଗ ଠିକ୍ ରୂପେ ହେଉଛି କି ନାହିଁ ତାହା ଦେଖିବା ସରକାରଙ୍କ କାର୍ଯ୍ୟ, ପୁଞ୍ଜିପତି ମାନେ ସାଧାରଣ ଜନତାଙ୍କୁ ଲୁଟି ନିଜର ସାମ୍ରାଜ୍ୟ ବିସ୍ତାର କରିବାରେ ସିଦ୍ଧହସ୍ତ, ନିଜ ସ୍ୱାର୍ଥ ପାଇଁ ସେମାନେ ସରକାର ମଧ୍ୟ ଭାଙ୍ଗି ପାରନ୍ତି, ମନ ପସନ୍ଦର ସରକାର ମଧ୍ୟ ଗଢି ପାରନ୍ତି ଏହା ପ୍ରମାଣିତ । ତେବେ ଗଣତାନ୍ତ୍ରିକ ପଦ୍ଧତିରେ ସରକାର ଗଢ଼ିଥିବା ଏହି ନିରୀହ ଭୋଟ ଦାତାଙ୍କର ଭୂମିକା କ'ଣ ରହିଲା ? ବର୍ତ୍ତମାନ ସୁଦ୍ଧା କେତେ ନୂତନ ଶିଳ୍ପ ଗଢି ଉଠିଛି ? କେତେ ଯୁବକ ଯୁବତୀ କାର୍ଯ୍ୟ ପାଉଛନ୍ତି ? କେତେ ଆତ୍ମନିର୍ଭରଶୀଳ ହେଉଛନ୍ତି ? ଏହି ସବୁ ତଥ୍ୟ ତ' ଆର:ଟି:ଆଇ ଦ୍ୱାରା ସହଜେ ଜାଣିହେବ ।

ସରକାରୀ କାର୍ଯ୍ୟାଳୟରେ ନୂତନ ନିଯୁକ୍ତି ବନ୍ଦକରି ଅବସର ପ୍ରାପ୍ତ / ପେନ୍‌ସନ ଭୋଗୀଙ୍କୁ ପୁନଃ ନିଯୁକ୍ତି ଦେବା ପଛର ଉଦ୍ଦେଶ୍ୟ କ'ଣ ? ଏହାଦ୍ୱାରା ଯୁବ ସମାଜ ତଥା ଯୋଗ୍ୟ ପ୍ରାର୍ଥୀ ମାନେ କ'ଣ ମାନସିକ ତଥା ଶାରୀରିକ ଯନ୍ତ୍ରଣା ପାଉ ନାହାନ୍ତି ? ଭୋକ ବା କ୍ଷୁଧା ସ୍ଥାନ କାଳ ପାତ୍ର ଦେଖେ ନାହିଁ କ୍ଷୁଧାର ଉପଶମ ପାଇଁ ଖାଦ୍ୟ ଆବଶ୍ୟକତା ଏବଂ ଖାଦ୍ୟ ପାଇଁ ଅର୍ଥର ଆବଶ୍ୟକତା ପଡେ, ଅର୍ଥ ପାଇଁ ପରିଶ୍ରମ କରିବାକୁ ପଡେ । ଯୋଗ୍ୟତା ଅନୁସାରେ ଯଦି ସରକାର ବା ଉଦ୍ୟୋଗୀ ମାନେ କାର୍ଯ୍ୟ ଯୋଗାଇ ନ'ପାରିବେ ତେବେ ଏହି ଯୁବ ପିଢ଼ି କଣ କରିବେ? ଦେଶର ଆର୍ଥିକ ସ୍ଥିତି କିଛିଦିନ ପରେ ରୁଗ୍ଣ ହୋଇଯିବ ତଥା ଯୁବପିଢ଼ି ମାନଙ୍କ ମନରେ କାର୍ଯ୍ୟ ପ୍ରତି ଥିବା ଉତ୍ସାହ ଧୀରେ ଧୀରେ କମିଯିବ । କର୍ତ୍ତୃପକ୍ଷ ଯୁବ ପିଢିଙ୍କ ମାନସିକତାକୁ ତୃଣମୂଳ ସ୍ତରରୁ ତର୍ଜମା କରନ୍ତୁ , ଯଦି କର୍ମସଂସ୍ଥାନ ଯୋଗାଇବାରେ ବିଫଳ, ତେବେ ନିର୍ଦ୍ଧାରିତ ବର୍ଗର ବେକାର ଯୁବକ ଯୁବତୀଙ୍କ ପାଇଁ କିଛି ପ୍ରକଳ୍ପ କରନ୍ତୁ ନ'ହେଲେ ପରିସ୍ଥିତି ଅଣାୟତ୍ତ ହୋଇଯିବ । ଦେଶରେ ପୁଞ୍ଜିପତି ରୁହନ୍ତୁ, ତାହା ସହିତ ଗରିବ ମାନଙ୍କର କଲ୍ୟାଣ ପାଇଁ ଥିବା ଯୋଜନା ଗୁଡିକର ସମୀକ୍ଷା କରି ଗରିବ କଲ୍ୟାଣ ପାଇଁ ଆସୁଥିବା ଟଙ୍କା ହଡପ କରୁଥିବା ଅସାଧୁ ମଧ୍ୟସ୍ଥିଙ୍କ ପାଇଁ କଠୋର ଦଣ୍ଡ ବିଧାନ ହେବାର ସମୟ ଉପନୀତ। ଦେଶର ଯୁବ ପିଢିଙ୍କୁ ଅଣଦେଖା କରିଥିବା ରାଷ୍ଟ୍ର ମାନେ ତଳି ତଳାନ୍ତ ହୋଇ ଯାଇଥିବା କଥା ଇତିହାସ କହେ, ତେଲିଆ ମୁଣ୍ଡରେ ଖାଲି ତେଲ ଦେଇ ଚାଲିଥିବା ବ୍ୟବସ୍ଥା ସହିତ ନୁଖୁରା ମୁଣ୍ଡକୁ ଟିକେ ଦୃଷ୍ଟି ଦେବା ଦରକାର । ସରକାରଙ୍କ ଆଭିମୁଖ୍ୟ ବଦଳିଲେ ଦେଶର ପ୍ରଗତି ନିଶ୍ଚିତ ହେବ ।

ଧୀରେ ଧୀରେ ବେକାର ଥିବା ଯୁବ ପିଢ଼ି ମାନଙ୍କ ମଧ୍ୟରେ ବିତୃଷ୍ଣା ଭାବ ବଢୁଛି, କିଏ ନିଜ ଜୀବନକୁ ଆତ୍ମହତ୍ୟା ଦ୍ୱାରା ନିଃଶେଷ କରିଦେବା ତ' କିଏ ଅବାଟରେ ଯାଇ ଅପରାଧୀ ପାଲଟି ଯିବ ବା ଶେଷରେ ଦେଶ ପାଇଁ ଏକ ବୋଝ ହୋଇ ଯିବ । ତେଣୁ ସରକାରୀ ସ୍ତରରେ ବଣ୍ଟା ଯାଉଥିବା ମାଗଣା ଜିନିଷକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରି କର୍ମ ଯୋଗାଣ ପାଇଁ ଚେଷ୍ଟିତ ହେବା ବୁଦ୍ଧିମାନର କାର୍ଯ୍ୟ ହେବ ଓ ଆମଦେଶରେ ଶିକ୍ଷା ନୀତି ଏକ ଗୋଲକ ଧନ୍ଦା ସଦୃଶ , ପୁଞ୍ଜିପତିମାନଙ୍କୁ ଅନୁମତି ଦେଇ ଦେଶ ସାରା ହଜାର ହଜାର ଇଞ୍ଜିନିଅରିଂ, ଡାକ୍ତରୀ, ଆବାସିକ କଲେଜ ଖୋଲି ଦେଇଛନ୍ତି, କଲେଜ ଗୁଡିକ ନିରୀହ ଛାତ୍ର ମାନଙ୍କୁ ବିଭିନ୍ନ ଉପାୟରେ ପ୍ରଲୋଭିତ କରି , ବ୍ୟାଙ୍କ ଋଣ କରାଇ କଲେଜରେ ଆଡ଼ମିସନ୍ କରାଇ ଦେଉଛନ୍ତି, ପାଠ ପଢାଇବା ପାଇଁ କଲେଜରେ ଉପଯୁକ୍ତ ଶିକ୍ଷକ ନ'ଥିବାରୁ ପିଲାମାନେ ସିଲାବସ ଅନୁଯାଇ ପାଠ ପଢି ପାରୁ ନାହାନ୍ତି, ତେଣୁ ଯେନତେନ ପ୍ରକାରେ ପାସ କରି କୌଣସି ଚାକିରି ପାଇଁ ଯୋଗ୍ୟ ବିବେଚିତ ପାରୁନାହାନ୍ତି। ଏଠାରେ ପରୋକ୍ଷରେ ଶୋଷଣର ଶିକାର ହୋଇଥିବା ଛାତ୍ରଟି କରିବ କଣ ? ପେଟ ପୋଷିବା ପାଇଁ କର୍ମ ସଂସ୍ଥାନ ନାହିଁ ତା' ପରେ ବ୍ୟାଙ୍କର ଋଣ ଭାର ବଢି ବଢି ଚାଲିଛି, ତେବେ ଆପଣମାନେ ବିଚାର କରନ୍ତୁ ସେ ନିଜର ଜୀବିକା, ଜୀବନ ପାଇଁ କେଉଁ ପଦକ୍ଷେପ ଗ୍ରହଣ କରିବ ? ଚୋରି, ଡକାୟତି କରିବ ନା' ଏକା ସରକାରୀ କଳ ସହିତ ଲଢ଼ିବ ? ଏଠାରେ କଲେଜ ଗୁଡ଼ିକ ପାଉଣା ନେଇ ତା'ର ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ ନ'କରି ମଧ୍ୟ ସରକାରଙ୍କ ସୁନା ପୁଅ ହୋଇ ପାରୁଛନ୍ତି ଆଉ ଛାତ୍ରଟି ଖଣ୍ଡେ ସାର୍ଟିଫିକେଟ କାଗଜକୁ ଲାମିନେସନ୍ କରି 'ବାର ଦୁଆର ଶୁଣ୍ଢୀ ପିଣ୍ଡା' ହେବା ପରି ଦୟନୀୟ ଅବସ୍ଥାରେ କାଳାତି ପାତ କରୁଛି।

ଏଠାରେ କେବଳ ଯାନ୍ତ୍ରିକ ବିଦ୍ୟାଳୟର ଛାତ୍ରଙ୍କ କଥା କୁହାଯାଇ ନାହିଁ ସବୁ ବର୍ଗର ଯୁବ ପିଢ଼ି ମାନଙ୍କର ରୋଜଗାର/ ଚାକିରୀ ବିଷୟରେ ଆଜି ସାରା ଦେଶ ଚିନ୍ତିତ । ପୃଥିବୀର ପ୍ରାୟ ୯୫ ପ୍ରତିଶତ ଦେଶ ଆଜି ଏହି ପ୍ରକାର ଉକ୍ତ ବେକାରୀ ସମସ୍ୟାକୁ ନେଇ ଅତିମାତ୍ରାରେ ଚିନ୍ତିତ । ଦକ୍ଷିଣ ଆଫ୍ରିକା ଦେଶରେ ସବୁଠାରୁ ବେଶୀ ୩୩.୬ ପ୍ରତିଶତ ବେକାର କାର୍ଯ୍ୟ ପାଇଁ ସଂଗ୍ରାମରତ, ସେହିପରି ଅତି ଉନ୍ନତ ଦେଶ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟ ବେକାରୀ ସମସ୍ୟାକୁ ନେଇ ଚିନ୍ତିତ । ଆଧୁନିକ କଳ କାରଖାନାରେ ଅତ୍ୟଧିକ ଉତ୍ପାଦନ କ୍ଷମ ବୈଜ୍ଞାନିକ ଯନ୍ତ୍ରପାତି, ରୋବଟ , କମ୍ପୁଟର , ସ୍ୱୟଂ ଚାଳିତ ମେସିନ ଗୁଡିକର ବ୍ୟବହାର ହେବାଦ୍ୱାରା ମାନବ ସମ୍ବଳର ଆବଶ୍ୟକତା କମି କମି ଯାଉଛି , ଯେଉଁ କାରଖାନାରେ ୫୦୦ ଲୋକ କାର୍ଯ୍ୟ କରି ଜୀବିକା ନିର୍ବାହ କରୁଥିଲେ ସେଠାରେ ନୂତନ ଯନ୍ତ୍ରପାତି ଲାଗିବା ଦ୍ୱାରା ୫୦ ଜଣଙ୍କ ଦ୍ୱାରା ସେହି କାର୍ଯ୍ୟ ଠାରୁ ଅଧିକ କାର୍ଯ୍ୟ ସମ୍ପାଦନ ହୋଇ ପାରୁଛି । ଉତ୍ପାଦନ ସିନା ହୁ' ହୁ' ହୋଇ ବଢୁଛି ତାହା ସହିତ ତାଳଦେଇ ବେକାରୀ ମଧ୍ୟ ବଢି ଚାଲିଛି । ଏହି ପରିସ୍ଥିତିରେ କାହାକୁ ଗ୍ରହଣ କରିବେ? ଆଉ କାହାକୁ ଏଡାଇ ଦେବେ? ତାହା ସରକାରଙ୍କ ନିର୍ଣ୍ଣୟରେ ସମ୍ପାଦନ ହେବା ଉଚିତ। ଏଠାରେ ଶିଳ୍ପ ବଢୁଛି ଏବଂ ବେକାରୀ ବଢୁଛି, ମହାତ୍ମା ଗାନ୍ଧୀ କହୁଥିଲେ 'ବିଦେଶୀ ହଟାଓ ସ୍ୱଦେଶୀକୁ ଆପଣାଅ', କୁଟୀର ଶିଳ୍ପ ଉପରେ ଅଧିକ ଗୁରୁତ୍ୱ ଦେବାକୁ ସେ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ । ବର୍ତ୍ତମାନ ଆମେ ବିଦେଶୀ ଶିଳ୍ପପତି ମାନଙ୍କୁ ଖୋସାମଦ୍ କରି ଡାକି ଡାକି ଦେଶରେ ପୁରାଉଛୁ, ଆସ ଭାଇ, ଆମ ଦେଶରେ ଶିଳ୍ପ ପ୍ରତିଷ୍ଠା କର ଏବଂ ଆଉ ଯାହା ଅଛି ଲୁଟି ନିଅ। ବିଦେଶୀ ଶିଳ୍ପପତି ଆସି କ'ଣ ତୁମକୁ ବଡ଼ ଲୋକ କରିଦେବେ? ଚାକିରି ଦେବେ? ନା' ନିଜ ଦେଶକୁ ଧନ ବୋହି ନେବେ? ଭାଇ ! ଆମ ପିଲା ଅନେକ ଜ୍ଞାନୀ, ଗୁଣି ଆଉ ପୃଥିବୀର ଶ୍ରେଷ୍ଠ ବୈଜ୍ଞାନିକ ତେଣୁ ସେହି ମାନଙ୍କୁ ନିୟୋଜିତ କରି ଶିଳ୍ପ ପ୍ରତିଷ୍ଠା କରିବାକୁ ଚେଷ୍ଟା କରିବା ବଦଳରେ ବିଦେଶୀଙ୍କୁ ଡାକି ତା'ଙ୍କ ପାଦତଳେ ଆମ ପିଲାଙ୍କୁ ଶ୍ରମିକ କରି ରଖିବାରେ ଦେଶର ସମ୍ମାନ ହାନି ହେବ କି ନାହିଁ? ଆମେ ସ୍ୱାବଲମ୍ବୀ ହେବାକୁ ଚାହୁଁ , ସରକାରୀ ତଥା ବେସରକାରୀ କର୍ମଚାରୀଙ୍କ ଅବସର ନେବାର ବୟସ ସୀମା ପୂର୍ବବତ୍ ୫୫/୫୮ ବର୍ଷ ରଖାଯାଉ ଫଳରେ ଅନେକ ନୂତନ ଆଶାୟୀ ଚାକିରୀ ପାଇ ପାରିବେ ତଥା ସରକାରଙ୍କର ମଧ୍ୟ ଦରମା ଦେବାରେ ନିଶ୍ଚିତ ଖର୍ଚ୍ଚ କମ ହେବ । ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ପେନ୍‌ସନ୍ ଦେବାର ଉଦ୍ଦେଶ୍ୟ ହେଉଛି ଯେ, ସେ ତା'ଙ୍କ ଜୀବନ କାଳ ପର୍ଯ୍ୟନ୍ତ ସେହି ଆର୍ଥିକ ସହାୟତାରେ କାଳାତିପାତ କରିବେ, ମୃତ୍ୟୁ ପରେ ତା'ଙ୍କ ସ୍ୱାମୀ /ସ୍ତ୍ରୀ ମଧ୍ୟ ପାଇବାକୁ ହକଦାର । ମାନବିକତା ଦୃଷ୍ଟିକୋଣରୁ ବୃଦ୍ଧାବସ୍ଥାରେ ବଞ୍ଚିବାର ମାଧ୍ୟମ ପେନ୍‌ସନ ।

ଉଚ୍ଚ ଶିକ୍ଷିତ ଯୁବକ ଯୁବତୀ ମାସ ସାରା କାର୍ଯ୍ୟ କରି ଆଠ ଦଶ ହଜାର ଟଙ୍କା ମଧ୍ୟ ପାଉ ନାହାନ୍ତି । ତାହା ମଧ୍ୟ ଖୁବ୍ ଚତୁରତା ସହିତ କରାଯାଏ, ଚୁକ୍ତି ଭିତ୍ତିକ ଚାକିରି ସରକାରୀ ନିୟମ ଅନୁଯାୟୀ, ଯଦି ଛଅ ବର୍ଷ ବ୍ୟକ୍ତିଟି ଚାକିରି କରିଥାଏ ତେବେ ନିୟମ ଅନୁସାରେ ସେ ସେହି କାର୍ଯ୍ୟାଳୟରେ ସ୍ଥାୟୀ ନିଯୁକ୍ତି ପାଇବ ଏବଂ ନିୟମ ଅନୁଯାୟୀ ବେତନ ତଥା ଅନ୍ୟ ସୁବିଧା ମଧ୍ୟ ପାଇବ। ଚତୁର ବୁଦ୍ଧି ସମ୍ପନ୍ନ ଅଧିକାରୀ କିନ୍ତୁ ସିଧା ସଳଖ ଠିକା ନିଯୁକ୍ତି ନ' ଦେଇ ତୃତୀୟ ପକ୍ଷ ଦ୍ୱାରା ନିଯୁକ୍ତି ଦେଉଛନ୍ତି, ଯାହା ଫଳରେ ଦିନ ରାତି ଗୋଟି ଶ୍ରମିକ ପରି କାର୍ଯ୍ୟ କରି ନିର୍ଯାତିତ ହୋଇ ନିଜ ହକ୍ ପାଇଁ ମଧ୍ୟ ଲଢେଇ କରିବାର ବାଟ ବନ୍ଦ୍ ହୋଇ ଯାଉଛି । ନ୍ୟାୟାଳୟ ମଧ୍ୟ ଏହି ପ୍ରକ୍ରିୟାକୁ ହୃଦୟଙ୍ଗମ କରି ନାହାନ୍ତି । ଅନେକ ସରକାରୀ ଅନୁଷ୍ଠାନ ତଥା ଅଦାଲତରେ ମଧ୍ୟ ଏହିପରି ଅନେକ ପ୍ରାର୍ଥୀ କେବେ ସ୍ଥାୟୀ ନିଯୁକ୍ତି ପାଇବେ ସେହି ଆଶାରେ ନିଜର ରକ୍ତକୁ ପାଣି କରି ଖଟି ଚାଲିଛନ୍ତି। 'ଅନ୍ଧ ରାଜ୍ୟରେ ଦର୍ପଣ ବିକ୍ରି' ସଦୃଶ କାର୍ଯ୍ୟ ପରି ସୁଶାସନ ଆଜି ବ୍ରିଟିଶ ଶାସନକୁ ମଧ୍ୟ ବଳି ଯାଇଛି । ସ୍ୱାର୍ଥପର ଦୁନିଆରେ ଯୁବ ସମାଜକୁ ଅଣଦେଖା କରିବା ଯାହା ଦେଶକୁ ବିପଦ ମୁହଁକୁ ଠେଲି ଦେବା ତାହା। ଏହା ମୋର ବ୍ୟକ୍ତିଗତ କଥା ସେଥିରେ ତ' ଆଉ ସତ୍ୟକୁ ଘୋଡେଇ ଦେବା ସମ୍ଭବ ନୁହେଁ, ତେଲିଆ ମୁଣ୍ଡରେ ତେଲ ନ'ଢାଳି ନୁଖୁରା ମୁଣ୍ଡକୁ ଟିକେ ଦେଖିବାକୁ ଅନ୍ତରରୁ ଅନୁରୋଧ କରୁଛି । ଏଠାରେ ସମସ୍ତଙ୍କୁ ସୁବିଧା ସୁଯୋଗ ଦେବା କଥା କିନ୍ତୁ ବର୍ତ୍ତମାନ ସରକାର ଅବସର କାଳୀନ ବୟସ ବଢ଼ାଇ ବଢ଼ାଇ ଚାଲିଛନ୍ତି ଏବଂ ଅବସର ପରେ ମଧ୍ୟ କାର୍ଯ୍ୟ କାଳ ବଢାଇ ଚାଲିଛନ୍ତି। କେବଳ ମନ୍ଦିର, ମଠ, ରାସ୍ତା ଘାଟ, ସ୍କୁଲ, କଲେଜ, ହାସ୍ପାତାଳର ଉନ୍ନତି କଲେ କଣ ହେବ? ନିଯୁକ୍ତି କାହିଁ? ଯୁବକ ଯୁବତୀଙ୍କ ସ୍ଥାୟୀ ନିଯୁକ୍ତି ପାଇଁ ଟିକେ ଦୃଷ୍ଟି ଦେବାକୁ ପଡିବ। ଏବେବି ସମୟ ଅଛି ଯୁବ ପିଢିଙ୍କ ପାଇଁ ଅନ୍ତରରୁ ଟିକେ ଭାବନ୍ତୁ, ତୃତୀୟ ପକ୍ଷ ଦ୍ୱାରା ଚୁକ୍ତି ଭିତ୍ତିକ ଯୁବକ ଯୁବତୀଙ୍କୁ ସ୍ଥାୟୀ କରାନ୍ତୁ, ତଥା ଦେଶର ସ୍ୱାର୍ଥ ପାଇଁ ନୂତନ ନିଯୁକ୍ତି ସୃଷ୍ଟି କରନ୍ତୁ ଏହାହିଁ କର୍ତ୍ତୃପକ୍ଷଙ୍କ ନିକଟରେ ପ୍ରାର୍ଥନା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ



# ପିଲାଙ୍କ ମହାଭାରତ-୧୩

## ବୃହସ୍ପତିଙ୍କ ପୁତ୍ର 'କଚ' ସଞ୍ଜିବନୀ ବିଦ୍ୟା ହାସଲ କଲେ-୪



ନିତ୍ୟାନନ୍ଦ ପଣ୍ଡା



କଚ ଦେବ ଲୋକ ଉଦ୍ଦେଶ୍ୟରେ ବାହାରିବା ପୂର୍ବରୁ ଦେବଜାନୀ ତାଙ୍କୁ କହିଲେ, "ହେ ଭଦ୍ର! ତୁମେ ବୃହସ୍ପତିଙ୍କ ପୁତ୍ର । ତୁମେ ନିଶ୍ଚୟ ଜାଣିସାରିଥିବ, ମୁଁ ତୁମକୁ ହୃଦୟ ଦେଇ ବସିଛି । ମୁଁ ତୁମକୁ ପ୍ରେମକରେ । ତୁମେ ଯିବା ପୂର୍ବରୁ ମୋତେ ବିବାହ ହୁଅ ଓ ସାଥିରେ ନେଇଯାଅ । ତୁମ ପିତା ବୃହସ୍ପତି ନିଶ୍ଚୟ ଖୁସିହେବେ ।"

କଚ କହିଲେ, "ହେ ସୁନ୍ଦରୀ! ତୁମ ଭଲ ପାଇବାକୁ ମୁଁ ସମ୍ମାନ କରେ । ମୁଁ ମଧ୍ୟ ତୁମକୁ ଭଲପାଏ । ମାତ୍ର ଏବେ ପରିସ୍ଥିତି ଭିନ୍ନ । ମୋର ଦ୍ୱିତୀୟ ଜନ୍ମ ତୁମ ବାପାଙ୍କ ପେଟରୁ ହୋଇଛି । ତେଣୁ ଶୁକ୍ରାଚାର୍ଯ୍ୟ ମୋର ବାପା ଓ ମାଆ । ସେହି ସୂତ୍ରରେ ତୁମେ ମୋର ଭଉଣୀ । ଭାଇ ଭଉଣୀ ବିବାହ ଅସମ୍ଭବ । ମୋତେ କ୍ଷମାକର ।

ପାହାଡରୁ ଖସିଲା ଭଳି ଲାଗିଲା ଦେବଜାନୀଙ୍କୁ । ସେ 'କଚ'ଙ୍କ କଥାରେ ଯୁକ୍ତିଥିବା ଜାଣୁଥିଲେ । ତଥାପି କହିଲେ, "ତୁମେ ବୃହସ୍ପତିଙ୍କ ପୁତ୍ର । ଶୁକ୍ରାଚାର୍ଯ୍ୟଙ୍କର ନୁହଁ ।"

"ଅବୁଝା ହୁଅନା ଭଉଣୀ! ମୋତେ ବିଦାୟ ଦିଅ ।"

- କଚ କହିଲେ ଓ ସ୍ନେହରେ ଦେବଜାନୀର ମଥା ସାଉଁଳିଲେ ।

କଚ ଚାଲିଗଲେ ।

କାନ୍ଦୁଥିବା ଝିଅକୁ ଶୁକ୍ରାଚାର୍ଯ୍ୟ ବୁଝେଇବାରେ ଲାଗିଲେ ।

### ରାଜା ଯଯାତି: ପାଣ୍ଡବ ଓ କୌରବଙ୍କ ପୂର୍ବପୁରୁଷ-୧

ଗ୍ରୀଷ୍ମ ଋତୁର ଏକ ଅପରାହ୍ନ । ନଗ୍ରର ଉପକଣ୍ଠରେ ଥିବା ଅରଣ୍ୟ ମଧ୍ୟକୁ ଯାଇଥିଲେ ଦୁଇ ବାନ୍ଧବୀ । ଶୀତଳ ଜଳରେ ସ୍ନାନ କରିବା ପାଇଁ । ସଖୀମାନଙ୍କ ଗହଣରେ ।

ଦୁଇ ବାନ୍ଧବୀ ହେଲେ ଗୁରୁ ଶୁକ୍ରାଚାର୍ଯ୍ୟଙ୍କର କନ୍ୟା ଦେବଜାନୀ ଓ ଅସୁରରାଜା ବୃଷପର୍ବାଙ୍କର କନ୍ୟା ଶର୍ମିଷ୍ଠା । ସେମାନେ ଗାଧଉଥିବା ବେଳେ ପବନ ବହିଲା ଓ ଶୁଖିଲା ବସନ ଉଡେଇନେଇ ଗୋଟେ ଜାଗାରେ ଜମାକରିଦେଲା । ଶର୍ମିଷ୍ଠା ପାଣି ଉପରକୁ ଉଠି ଭୁଲ୍ ବଶତଃ ଦେବଜାନୀର ବସନ ପିନ୍ଧିପକେଇଲା । ଦେବଜାନୀ ଦେଖିଲା ଓ ବିରକ୍ତ ହେଲା ଏବଂ ମଜାକିରେ ମୃଦୁ ଗାଳିଦେଲା ।

ଏହି ମୃଦୁଗାଳି ରାଜକୁମାରୀ ସହିପାରିଲା ନାହିଁ । ସେ ମଧ୍ୟ ମଜାକିରେ କଡା କଥା ଶୁଣେଇ ଦେଲା । କହିଲା- ତୋର ମନେରଖିବା ଦରକାର ତୁ ଜଣେ ବ୍ରାହ୍ମଣ କନ୍ୟା । ବ୍ରାହ୍ମଣ ନାମାଏ ଭିକାରୀ । ମୁଁ ରାଜକନ୍ୟା । ମୋ ପିତାଙ୍କ ଦାକ୍ଷିଣ୍ୟ ଉପରେ ତୁମର ବଞ୍ଚିବା ନିର୍ଭର କରୁଛି..... ଏଇପରି କେତେକଥା ଗପିଗଲା ।

ପ୍ରକୃତରେ ଶର୍ମିଷ୍ଠା ରାଗିଯାଇଥିଲା । ଅର୍ଥ, ରାଜକନ୍ୟା ହେବାର ଗର୍ବ ତା'ର ମଥାକୁ ବିଗାଡି ଦେଇଥିଲା । ସେ ଦେବଜାନୀର ଗାଲରେ ଚାପୁଡେ କସିଦେବା ସହ ତାକୁ ପାଖରେ ଥିବା ଗୋଟେ ଶୁଖିଲା କୂଅ ଭିତରକୁ ଠେଲିଦେଲା । ଏବଂ ଦେବଜାନୀ ମରିଗଲା ଭାବି ପ୍ରାସାଦକୁ ଫେରିଗଲା ।

ଦେବଜାନୀ କିନ୍ତୁ ମରିନଥିଲା । ଭିତର ଦାନ୍ତ ଦେଇ ସେ ବାହାରକୁ ଆସିନପାରି ଆଶା ଆଶଂକା ମଧ୍ୟରେ ନିର୍ଜୀବ ପରି ଠିଆହୋଇ ରହିଥିଲା । ସମୟ ବିତିଯାଉଥିଲା ।

ସଂଯୋଗକ୍ରମେ ରାଜା ଯଯାତି ସେହି କୂଅ ପାଖରେ ଆସି ପହଞ୍ଚିଲେ । ସେ ଅରଣ୍ୟରେ ବୁଲି ବୁଲି କ୍ଳାନ୍ତ ଥିଲେ ଓ ପାଣି ଉଦ୍ଦେଶ୍ୟରେ ଆସିଥିଲେ । କୂଅ ଭିତରକୁ ଚାହିଁ ଦେଖନ୍ତିତ ସୁନ୍ଦରୀ କନ୍ୟାଟିଏ ।

"କିଏ ତୁମେ ବାଳିକା ?"- ପଚାରିଲେ ଯଯାତି ।

"ମୁଁ ଗୁରୁ ଶୁକ୍ରାଚାର୍ଯ୍ୟଙ୍କର କନ୍ୟା । ମୋ ପିତା ଜାଣିନାହାଁନ୍ତି ମୁଁ କୂଅରେ ଖସିପଡିଛି । ମୋର ଜୀବନ ବଞ୍ଚାଅ !- ବିନତି କଲେ ଦେବଜାନୀ । ରାଜା ଯଯାତି ଡାହାଣ ହାତ ବଢେଇ ଦେବଜାନୀଙ୍କୁ ବାହାର କରିଆଣିଲେ ।

ଯଯାତି: ଚାଲନ୍ତୁ, ତୁମଘରେ ଛାଡିଦେଇ ଆସିବି ।

ଦେବଜାନୀ ଭାବିଲେ, ଏହି ରାଜା ନଥିଲେ ମୁଁ ମରିସାରନ୍ତିଣି । ଯିଏ ମୋତେ ମରଣାନ୍ତକ ଆକ୍ରମଣ କଲା ତା' ଘରକୁ ଯିବି ? ନା, ଅସମ୍ଭବ । ସେ କହିଲେ, "ହେ ରାଜା ତୁମେ ମୋର ଡାହାଣ ହାତ ଧରିଛ ! ତୁମେ ମୋତେ ବିବାହ କର ।"

ଯଯାତି : ହେ ଦେବି! ତୁମେ ବ୍ରାହ୍ମଣ କନ୍ୟା । ମୁଁ କ୍ଷତ୍ରିୟ । ଆମ ମଧ୍ୟରେ ବିବାହ ଅସମ୍ଭବ । ଶାସ୍ତ୍ର ଏହାକୁ ଅନୁମୋଦନ କରିବ ନାହିଁ । ତୁମେ ଘରକୁ ଫେରିଯାଅ ।

ଯଯାତି ତାଙ୍କ ରାଜଧାନୀକୁ ଫେରିଗଲେ । (କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*



# ସେବା ହିଁ ମାନବ ଧର୍ମ

*ରାମଚନ୍ଦ୍ର ବେହେରା*

ପ୍ରଭୁ ଯୀଶୁଙ୍କର ଜନମ ଦିବସ
ଆସୁଛି ରାଇଜେ ମିତ
ବିଶ୍ୱ ଦରବାରେ ସେ ପୂଣ୍ୟ ଦିନଟି
ବଡ଼ଦିନ ନାମେ ଖ୍ୟାତ

ସାରା ଗିର୍ଜାଘର ଆଲୋକ ମାଳାରେ
ଚମକିବ ଆମ ଦେଶେ
ଈସାଇ ଧର୍ମର ଏ ମହାନ ପର୍ବ
ପାଳିବେ ଜନ ହରଷେ

ପ୍ରଭୁ ଯୀଶୁ ଥିଲେ ଦେବତା ସମାନ
ବିଚାର ତାଙ୍କ ମହାନ
ସେବା ଦୟା କ୍ଷମା ପ୍ରେମର ପ୍ରତୀକ
କରୁଣାରେ ଅନୁପମ

ତାଙ୍କ ନୀତିବାଣୀ ବାଇବେଲ ଗ୍ରନ୍ଥ
ସେବାକୁ ଦିଅଇ ମାନ
ସେବା ଗୁଣ ଶ୍ରେଷ୍ଠ ଏ ପୂଣ୍ୟ ଜଗତେ
ସେବା ହିଁ ମାନବ ଧର୍ମ

ବଡ଼ଦିନ ପାଇଁ ସ୍କୁଲ ଛୁଟିହେବ
ଅନାଥ ଆଶ୍ରମ ଯିବା
ଅନାଥ ଶିଶୁଙ୍କୁ ଗଳାରେ ଲଗାଇ
ସାଥିର ଦରଜା ଦେବା

ବାପାଙ୍କୁ କହିବା ଆଣି ଦେବେ କିଛି
ସୁନ୍ଦର ନୂଆ ଦରବ
ସରାଗେ ବାଣ୍ଟିବା ସେ ଦରବ ତାଙ୍କୁ
ପରାଣ ହସି ଉଠିବ ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

# ବଡ଼ ଦିନ

*ଗୋପୀନାଥ ଦାଶ*

ଡିସେମ୍ବର ମାସ ପଚିଶ ତାରିଖ
ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ
ବଡଦିନ ନାମେ ସବୁଠି ବିଖ୍ୟାତ
ଉତ୍କଣ୍ଠାରେ ହୁଏ ପାଳନ
ସ୍ୱଚ୍ଛ ସୁନ୍ଦର ଯେ ଘର ଓ ଅଗଣା
ପୂର୍ବ ଦିନରୁ ହୋଇଥାଏ
ନୂଆଁ ଲୁଗା ପିନ୍ଧି ଆନନ୍ଦ ଉଲ୍ଲାସେ
ଶୁଭେଚ୍ଛା ବାର୍ତ୍ତା ଦିଆ ଯାଏ
ମନଲୋଭା ଦୃଶ୍ୟ ଆଲୋକ ମାଳାରେ
ଗୀର୍ଜା ଘର ସୁସଜ୍ଜିତ
ଖ୍ରୀଷ୍ଟ ମାସ ବୃକ୍ଷ କେତେ ଯେ ସୁନ୍ଦର
ଖେଳଣା ଫୁଲ ଖଚିତ
ଖ୍ରୀଷ୍ଟ ଧର୍ମୀୟ ସର୍ବେ ଏକାଠି ହୋଇ
ପ୍ରାର୍ଥନା କରନ୍ତି ଗାନ
ଦୁଃଖ ଓ କଷ୍ଟରୁ ନିସ୍ତାର ପାଇଁକି
ଯୀଶୁଙ୍କୁ କରନ୍ତି ସ୍ମରଣ
ଅତିଥି ମାନଙ୍କୁ ଉପହାର ଦେଇ
ମଣନ୍ତି ନିଜକୁ ଧନ୍ୟ
ଭୋଜନ ସମସ୍ତେ ଏକାଠି କରନ୍ତି
ସ୍ନେହ ମମତା ବନ୍ଧନ ।

*ବରପାଲିପଡ଼ା, ବଲାଙ୍ଗିର*
*ମୋ -୬୩୭୧୮୦୫୦୭୦*





# ଗାଆଁକୁ ଆସିଛି ଶୀତ

*ରାମ ଚନ୍ଦ୍ର ପ୍ରଧାନ*

ଡେଇଁ ବଣ, ବିଲ ନଈ, ନାଳ, ଖୋଲ
ପାହାଡ଼ ପର୍ବତ ଭୂଇଁ
ଶୀତ ମାଉସୀଟା ଗାଆଁକୁ ଆସିଛି
ଅଣ୍ଟାକୁ ତା' ନଇଁନଇଁ
କଅଁଳ ଖରାରେ ଧାନକ୍ଷେତ ହସେ
ଶୀତ ସଙ୍ଗେ ବସି ମିତ
ଧୀର ପବନରେ ଚଷାପୁଅ ଗାଏ
ମନ ମତାଣିଆ ଗୀତ
ଘନ କୁହୁଡ଼ିରେ ସକାଳ ସୁରୁଜ
ଲୁଚି ଲୁଚି ଆସେ ଧୀରେ
ଗଛ ପତରରୁ କାକରର ବିନ୍ଦୁ
ଟପ ଟପ ହୋଇ ଝରେ
ପ୍ରଜାପତି ଖୋଜେ ସୁଗନ୍ଧିତ ବାସ୍ନା
ଫୁଲରୁ ଫୁଲକୁ ଡେଇଁ
ମହୁମାଛି ଉଡ଼େ ମଧୁ ସଞ୍ଚିବାକୁ
ବନ ଉପବନେ ଧାଇଁ
ଶୀତର ପରଶେ ନାନା ଜାତି ଫୁଲ
ଗଛ ଡାଳେ ଝୁଲୁଥାଏ
ଘାସ ଗାଲିଚାରେ ଘାସ ଫୁଲ ଫୁଟି
ଖିଲିଖିଲି ହସୁଥାଏ
ଶୀତ ବୋହି ଆଣେ ଆମ ଏ ଧରାକୁ
ତଟକା ପରିବା ଭାର
ସୁରୁଜ ବୁଡ଼ିଲେ ଶୀତ ସଞ୍ଜବେଳ
ଦିଶେ ଭାରି ମନୋହର
ସତରେ ଏ ଶୀତ ଉପକାରୀ ହୋଇ
ସାଧିଥାଏ ପର ହିତ
ଛଅ ଋତୁ ମଧ୍ୟେ ଶ୍ରେଷ୍ଠ ସେ' ବୋଲାଏ
ସାଜି ଜଗତର ମିତ ।

*ଶିକ୍ଷକ, ଟେକ୍ନିକାଲ ହାଇସ୍କୁଲ୍, ଆସିକା, ଗଞ୍ଜାମ*
*ମୋ:୯୮୬୧୬୩୮୭୩୬*

# ଶୀତ ଆସିଗଲା

*ନୀଳମଣି ଛନ୍ଦ*

ଶୀତ ଆସିଗଲା କ୍ଷେତ ତ ହସିଲା
ଫୁଟିଲା ସୋରିଷ ଫୁଲ
ସୂର୍ଯ୍ୟମୁଖୀ ଫୁଲ ହଳଦି ରଙ୍ଗର
ହଳଦିବସନ୍ତ ତୁଲ

ସିଏ ଟାଣିଦେଲା କୁହୁଡି- ପରଦା
ସକାଳ ଆଗରୁ ଆସି
ଧାନ ପାଚିଗଲା ଅମଳର ବେଳ
ଖୁସିରେ କୁରୁଳେ ଚାଷୀ

ଶୀତ କରିଦେଲା ଦିନକୁ ସାନରେ
ରାତିଟିକୁ ପରା ବଡ଼
କରିଛି ସିଏରେ ଧରାବତରଣ
ଜିଣି ଶରତର ଗଡ଼

ଶୀତ କାଟିବାକୁ ବିଦେଶୀ ଚଢ଼େଇ
ଆସିଲେ ଚିଲିକା ବୁଲି
ଶାଲ, ସୁଏଟର, କମ୍ବଳକୁ ଏବେ
କିଏ କି ପାରିବ ଭୁଲି

ଶୀତ ବୁଣିଦେଲା କାକର-ମୁକୁତା
ସକାଳରେ ଘୂରି ଘୂରି
ଜାତି ଜାତି ଫୁଲ ଫଳ ପରିବାରେ
ବଜାର ଗଲାଣି ପୂରି

ଏଇ ଋତୁ ଭଲ ବଣଭୋଜି ଆଉ
ଭ୍ରମଣ କରିବା ପାଇଁ
ଯେତେ ଉପକାର କରେ ସେ ଧରାର
ଜମା ଭୁଲିଯିବା ନାହିଁ ।

*ମୋ:୯୫୮୩୨୦୨୩୫୭*

# ସୋରିଷ ଫୁଲର ହାଟ

*ଧ୍ରୁବ ଚରଣ ଘିବେଲା*



ହାଲୁକା ହାଲୁକା ଶୀତ ଅନୁଭବ
ହୋଇଲାଣି ଧିରେ ଧିରେ
ସୋରିଷ ଫୁଲର ହାଟ ବସିଲାଣି
ନଈପଠା ଧାରେ ଧାରେ
ଶୀତ ସକାଳର ଶିଶିର ଟୋପାରେ
ଭିଜି ହସିଲାଣି ଫୁଲ
ନଈପଠା ଭରା ଫୁଲର ପସରା
କହେ ସ୍ୱାଗତଂ (ଶୀତ) ସକାଳ
ଶୀତ ସକାଳରେ ଝଟକେ ସୁନ୍ଦର
ସୋରିଷ ଫୁଲର ହସ
ନଈପଠା ଧାରେ ମନମତାଣିଆ
ସୋରିଷ ଫୁଲର ବାସ
ହିମ ହେମନ୍ତଠୁ ଶୀତର ପ୍ରବେଶ
ଛୁଇଁଥାଏ ଧରାପୃଷ୍ଠ
ହେମନ୍ତ ପରଶେ ସୌନ୍ଦର୍ଯ୍ୟ ପ୍ରକାଶେ
ସୋରିଷ ଫୁଲର ହାଟ
ଶୀତ ପ୍ରବେଶିଲେ ଫୁଟି ଆସେ ଧିରେ
ହଳଦୀ ମୁହିଁ ସେ ଫୁଲ
ଛିଟ ପ୍ରଜାପତି ଉଡ଼ି ବୁଲେ କତି
ଫୁଲ ସାଥେ ହୋଇ ଗେଲ
ମହୁମାଛି କେବେ ଫୁଲ ଓଠ ଚୁମେ
ଶୋଷି ନିଏ ଫୁଲ ରସ
ସୋରିଷ ଫୁଲର ମହୁ ବି ଡଉଲ
ନିବାରକ ଥଣ୍ଡା କାଶ
ରୋଷେଇ ଶାଳରେ ଗଣା ମସଲାରେ
ବେସର ପାଇଁ ସୋରିଷ
ବେସର ବ୍ୟଞ୍ଜନ ସୁନ୍ଦର ଭୋଜନ
ପ୍ରୀତିପ୍ରଦ ଓ ସରସ
ସୋରିଷ ଶାଗର ଭଜା ସୁଆଦିଆ
ପଖାଳ କଂସାର ସାଥେ
ଶୀତ ସକାଳରେ ତବତ ବଢ଼ିଆ
ସ୍ୱାସ୍ଥ୍ୟପ୍ରଦ ଦେହ ହିତେ ।

*ବଉଦରାଜ, ଜି- ବୌଦ୍ଧ*
*ମୋ-୯୪୩୭୪୭୮୪୬୬*



# ଆସୁଅଛି ବଡ଼ଦିନ

*ସୁଧାକର ରାଉତ*

ଆସୁଅଛି ବଡ଼ଦିନ
ଖୁସି କରି ଆମ ମନ
ମହାଆନନ୍ଦରେ ପାଳିବାଟି ତାକୁ
ଫିଙ୍ଗି ଭେଦା ଭେଦ ଜ୍ଞାନ
ଶୀତ ଖାତିର ନକରି
ସାନ୍ତା ଉପହାର ଧରି
ଆମ ଗହଣକୁ ଆସିଛନ୍ତି ପରା
ହରଷ ଦେବାକୁ ଭରି
ମାଆ ମେରୀଙ୍କର କୋଳ
ମଣ୍ଡନ କଲେ ଯେ ବାଳ
ବଡ଼ ହୋଇ ଖ୍ରୀଷ୍ଟ ଧର୍ମ ପ୍ରଚାରିଲେ
ଯଶ ରଖି କାଳ କାଳ
ଅନ୍ଧକାର ବୁକୁ ଚିରି
ସତ୍ୟ, ନ୍ୟାୟ, ଧର୍ମ ଧରି
ଆଲୋକ ବର୍ତ୍ତିକା ଜଳାଇଲେ ସିଏ
ବୈରୀ ହୃଦ ଗଲା ଥରି
ସେବା ହିଁ ପରମ ଧର୍ମ
ସେ ପାଇଁ କରିବା କର୍ମ
ତାଙ୍କ ଜୀବନର ଏ ମୂଳମନ୍ତ୍ରଟି
ଛୁଇଁଲା ସବୁରି ମର୍ମ
ମାତ୍ର ଖଳ ଲୋକ ଗଣ
ନ ଚିହ୍ନି ଅସଲ ଗୁଣ
ଷଡଯନ୍ତ୍ର କରି କ୍ରୁଶ ବିନ୍ଧେ ନେଲେ
ତାଙ୍କର ଅମୂଲ୍ୟ ପ୍ରାଣ
ଲିଭିବା ପୂର୍ବରୁ ଜ୍ୟୋତି
ଭକ୍ତି ଭାବେ ରଖି ମତି
ପ୍ରାର୍ଥନା କରିଲେ ଈଶ୍ୱରଙ୍କୁ ଖଳ
ଲୋକଙ୍କୁ ଦେବାକୁ ମୁକ୍ତି
ସେ କୋଟି ଜନର ସଖା
ଦୟା, କ୍ଷମା, ଶାନ୍ତି ଶିଖା
ଜଳୁଥିବେ ପରା ସବୁରି ହୃଦୟେ
ଆଙ୍କିଣ ଅଲିଭା ରେଖା
ତାଙ୍କର ମହତ ବାଣୀ
ଜନ ମନ ନିଏ କିଣି
ସେହି ଉପଦେଶ ମାନ ହେଉ ଆମ
ଜୀବନେ ଅମୂଲ୍ୟ ମଣି ।

*ପ୍ରତାପ ନଗରୀ, କଟକ*
*ମୋ- ୮୨୪୯୯୩୨୭୯୨*

# ତୁମ ତୂଳୀରୁ ...



ଅଭିଳାଷ ଦାଶ, ଶ୍ରେଣୀ-୮ମ, ବଲାଙ୍ଗିର ପବ୍ଲିକ ସ୍କୁଲ, ବଲାଙ୍ଗିର

# ନିଶା ଭାଙ୍ଗିଲା



ବିଜୟଲକ୍ଷ୍ମୀ ପାଣିଗ୍ରାହି



ବସ୍‌ଟି ଆଗକୁ ମାଡି ଚାଲୁଥାଏ । ରାସ୍ତା ପାର୍ଶ୍ୱରେ ସମସ୍ତେ ପଛକୁ ଧାଉଁଛନ୍ତି ଅଣନିଃଶ୍ୱାସୀ ହୋଇ । ଏ କଥାଟା ମନରେ କୌତୁକ ବସା ବାନ୍ଧିଲା । କିଛି ତ ଗୋଟେ ଘଟଣା ଘଟିଛି, ନହେଲେ ଏମିତି ସମସ୍ତେ କାହିଁକି ଧାଉଁଥାନ୍ତେ ? ତୃତୀୟ ଶ୍ରେଣୀରେ ପଢୁଥିବା ଚିଙ୍କୁ ମନ ଆଉ ଘର ଧରିଲାନି । ସହସା ହଉଙ୍କି ଚାହିଁଲା ବସ୍‌ର ଝରକା ଫାଙ୍କରେ । ଆଖି ପାଉନି କାହିଁ କେତେଦୂର ପର୍ଯ୍ୟନ୍ତ ସବୁ ଦୌଡୁଛନ୍ତି । ହଠାତ୍ ବିପରୀତ ଦିଗରେ ଆଉ ଏକ ବେଗମାନ ଗାଡ଼ି ସାଇଁ କରି ଚାଲିଗଲା । ଚିଙ୍କୁ ଜୋର୍‌ରେ ଚିତ୍କାର କରି ଉଠିଲା । ବସ୍ ଭିତରୁ କଣ୍ଡକ୍ଟର ଜଣକ ଜୋର୍‌ରେ ଡାକ ଛାଡିଲେ, ହେ... ସେ ପିଲାକୁ ଭିତରକୁ ଆଣ । ପାଖରେ ବସିଥିବା ମାଆ ଜଣକ ଝାଇଁ କରି ଟାଣି ଆଣିଲେ ଚିଙ୍କୁକୁ । ଚିଙ୍କୁ ଖୁବ୍ ଡରି ଯାଇଥିଲା । ସେଥିପାଇଁ ମାଆ କୋଳରେ ମୁହଁ ଗୁଞ୍ଜି ତାଙ୍କୁ ଜାବୁଡି ଧରିଲା । ଆଗରୁ ଯେତେଥର ମାଆ ସହିତ ମାମୁଁଘରକୁ ଯାଇଛି ସବୁଥର ଡ଼ରରେ ସେ ମାଆ କୋଳରେ ଶୋଇଯାଇଛି । ଏଥର କିନ୍ତୁ ସବୁ ଦେଖି ଦେଖି ଯିବ ବୋଲି ବାପାଙ୍କୁ କହି ଆସିଛି । ଏବେ ମାଆ ମିନାକ୍ଷୀ ତା' ପିଠି ଥାପୁଡ଼େଇ କହିଲେ, ଚାଲୁଥିବା ବସ୍‌ରୁ ଝରକା ଦେଇ ହାତ ବାହାରକୁ କାଢ଼ନ୍ତି ନାହିଁ, ତୁ କେମିତି ମୁଣ୍ଡ କାଢୁଥିଲୁ ?

ଅନ୍ୟ ଗାଡ଼ିରେ ବାଜି ହାତ, ମୁଣ୍ଡ କଟିଯାଇଥାନ୍ତା ଆଉ କେବେ ଏମିତି କରିବୁ ନାହିଁ । ସେତିକି ବେଳକୁ କଣ୍ଡକ୍ଟର ଆସି କହିଲା, ମ୍ୟାଡାମ୍ ! ପିଲାକୁ ସାବଧାନ କରନ୍ତୁ ।

ତାକୁ ଝରକା ପାଖରେ ନ ବସାଇ ମଝିରେ ବସାନ୍ତୁ । ମିନାକ୍ଷୀ କିନ୍ତୁ ତାକୁ ସେହିଠାରେ ହିଁ ବସାଇଲେ । ଏଥର ଚିଙ୍କୁ ଆଉ ଝରକାକୁ ଛୁଉଁନି ଜାକି ଜୁକି ହୋଇ ବସିଛି । କିଛି ସମୟ ପରେ ତା'ମନରୁ ହୁଏତ ସେ ଡର ଚାଲିଗଲା । ହେଲେ ଗଛ ପାହାଡ଼, ନଦୀ, ନାଳ ସବୁ କେମିତି ପଛକୁ ଦୌଡୁଛନ୍ତି ? ସେମାନେ ତ ନିର୍ଜୀବ । ଗଛର ଜୀବନ ଅଛି ସତ ହେଲେ ସେ ତ ଚାଲି ପାରେ ନାହିଁ ଆଜି କେମିତି ଦୌଡୁଛି ? ଆମେ ମାମୁଁ ଘରକୁ ଯାଉଛୁ ନା ଯାଦୁ ମହଲରେ ବୁଲୁଛୁ ? କୁନି ମସ୍ତିଷ୍କରେ ଏମିତି ଅନେକ ପ୍ରଶ୍ନ ମାରାଥନ କରୁଛନ୍ତି ହେଲେ ଉତ୍ତର କିଛି ନାହିଁ ।

ସେତେବେଳେ କଣ୍ଡକ୍ଟର ବସ୍ ଭଡ଼ା ମାଗିଲେ । ମାଆ ବସ୍ ଭଡ଼ା ଟଙ୍କା ଦେବା ସମୟରେ ସେ ଚିଙ୍କୁକୁ ଅନାଇ ଭ୍ରୂଲତା ଟେକି ଇସାରା କରୁଥିଲେ । ଚିଙ୍କୁ ମଧ୍ୟ ମୁଣ୍ଡ ହଲାଇ ଇସାରା କରୁଥିଲା । ତା'ପରେ କଣ୍ଡକ୍ଟର ଏକ ଚକଲେଟ୍ ଚିଙ୍କୁକୁ ଦେଲେ ଓ ହସିଦେଇ ଚାଲିଗଲେ । ଚିଙ୍କୁ ମାଆଙ୍କୁ ବଲବଲ କରି ଚାହିଁଲା । ମାଆ ତା'ର ମୁଣ୍ଡ ଥାପୁଡ଼େଇ ଦେଲେ । ଅଳ୍ପ ସମୟ ପରେ ମିନାକ୍ଷୀ ଦେବୀ ଓ ଚିଙ୍କୁ ବସ୍‌ରୁ ଓହ୍ଲାଇଲେ । ବସ୍ ଷ୍ଟାଣ୍ଡରେ ମାମୁଁ ଅପେକ୍ଷା କରିଥାନ୍ତି । ଚିଙ୍କୁ ଦୌଡିଯାଇ ମାମୁଁଙ୍କୁ କୁଣ୍ଢାଇ ଧରିଲା ଏବଂ ଏକ ନିଃଶ୍ୱାସରେ କହି ଉଠିଲା, ମାମୁଁ! ଦେଖ ଦେଖ ସେ ଯାଦୁ ବସ୍‌କୁ... ମାମୁଁ ବସ୍ ଆଡକୁ ଚାହିଁ ପଚାରିଲେ, କାହିଁ କ'ଣ ହେଲା କି ? ଚିଙ୍କୁ କହିଲା, ସେ ବସ୍‌ରେ ବସିଲେ ତମେ ଦେଖିବ କେମିତି ଗଛ ସବୁ ଦୌଡୁଛନ୍ତି ।

- ଗଛ ଦୌଡୁଛନ୍ତି... ଗଛ କ'ଣ ଦୌଡିପାରେ ?

- ମାମୁଁ! ଗଛ ଦୌଡି ପାରେନି ସତ ହେଲେ ସେ ଯାଦୁ ବସ୍‌ରେ ବସିଲେ ତମେ ଦେଖିବ, ଗଛ, ପାହାଡ଼, ନଦୀ ସମସ୍ତେ ପଛକୁ ଦୌଡ଼ନ୍ତି ।

ଚିଙ୍କୁର କଥା ଶୁଣି ସମସ୍ତେ ହସିବାକୁ ଲାଗିଲେ । ମାମୁଁ ହସକୁ ଅଟକାଇ କହିଲେ, ଆରେ ହଁ...ମୋ ଭଣଜାକୁ ଯାଦୁ ଭଲଲାଗେ ବୋଲି ମୁଁ ପରା ସେ ଯାଦୁ ବସ୍‌ରେ ତୁମକୁ ଅଣାଇଲି । ଏବେ ଆମେ ଘରକୁ ଯେଉଁ ଗାଡ଼ିରେ ଯିବା ସେଇଟା ବି ଯାଦୁଗାଡ଼ି । ମାମୁଁ କଥା ନ ସରୁଣୁ ଚିଙ୍କୁ ଦୌଡିଯାଇ ଗାଡ଼ିରେ ବସିଗଲା ପାଖରେ ସିଟ୍‌ରେ । କହିଲା, ମାମୁଁ ତୁମେ ଏଇଠି ବସ ଆମେ ମିଶିକି ଯାଦୁ ଦେଖିବା ।

କିଛି ସମୟ ପରେ ଗାଡ଼ି ରାସ୍ତାରେ ଆଗକୁ ଚାଲିବାକୁ ଲାଗିଲା । ଚିଙ୍କୁ ମାମୁଁକୁ ଯାଦୁ ଦେଖାଇବାରେ ଲାଗିଲା । ଗୋଟେ ଜାଗାରେ ଗାଡ଼ି ଅଟକି ଯିବାରୁ ଯାଦୁ ମଧ୍ୟ ଅଟକିଗଲା । ଚିଙ୍କୁ ମନ ଉଣା ଦେଖି ମାମୁଁ କହିଲେ, ବୁଝିଲୁ ଚିଙ୍କୁ ! ତୁ ବଡ଼ ହେଲେ ପାଠରେ ଜାଣିବୁ ଯେ ଏ ଯାଦୁ କିପରି ହେଉଛି ।

- ତମେ ଏବେ କୁହ ମୁଁ ଶୁଣିବି, ଚିଙ୍କୁ ଅଳି କଲା ।

ମାମୁଁ ଭଣଜାର ଆଗ୍ରହ ଦେଖି ଅଳ୍ପ ଦୂରରେ ଥିବା ଗଛଟିକୁ ଦେଖାଇ କହିଲେ, ଦେଖ ଚିଙ୍କୁ ସେ ଗଛଟି ତା' ଜାଗାରେ ଠିଆ ହୋଇଛି । ଏବେ ଯେତେବେଳେ ଆମ ଗାଡ଼ି ଚାଲିବ ମାନେ ଆମେ ଆଗକୁ ଯିବା ସେତେବେଳେ ସେ ଗଛ ପାଖକୁ ଆମେ ଯିବା । ଆମେ ଆଉ ସେ ଗଛ ପାଖାପାଖି ହୋଇଯିବା । ଆମେ ଜାଣିପାରିବା ସେ ଗଛ ଠିଆ ହୋଇଛି । ଆଉ ଆମେ ଯାଉଛେ ଏବଂ ଗଛକୁ ପଛରେ ଛାଡି ଆଗକୁ ଯାଉଛେ ହେଲେ ଆମେ ଯଦି ଭାବିବା ଯେ ଆମେ ଗାଡ଼ିରେ ବସିଛେ... ଆଗକୁ ଯାଉନେ... ସେତେବେଳେ ଆମକୁ ଲାଗିବ ଯେ ଗଛ ଆମ ଆଡକୁ ଆସୁଛି ଆଉ ଆମକୁ ଅତିକ୍ରମ କରି ପଛକୁ ଚାଲିଯାଉଛି ।

ସେତିକି ବେଳକୁ ଗାଡି ଚାଲିବା ଆରମ୍ଭ କଲା । ମାମୁଁ ଚିଙ୍କୁକୁ କହିଥିବା କଥାକୁ ଅନୁଭବ କରାଇ ପୁଣି କହିବାକୁ ଲାଗିଲେ । ଚିଙ୍କୁ ଦେଖିଲା ଆରେ ସତ କଥା ତ ଗଛ, ପାହାଡ଼, ଘର ସବୁ ସେମିତି ନିଜ ସ୍ଥାନରେ ଅଛନ୍ତି । ସେ ଆଉ ତାଙ୍କ ଗାଡ଼ି ହିଁ ଆଗକୁ ଯାଉଛି । ଏବେ ତା' ମୁଣ୍ଡଟା ହାଲୁକା ହୋଇଗଲା । ସେ ହସିଦେଇ ପାଖରେ ଥିବା ଚକ୍‌ଲେଟ୍ କାଢି ଖାଇବାକୁ ଲାଗିଲା ।

*ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ*
*ମୋ- ୮୨୪୯୪୫୦୦୫୦*

# ଡ୍ର’ ହେଲା ଗାବା ଟେଷ୍ଟ



**ବ୍ରିସ୍‌ବେନ୍‌,** ଡ୍ର’ ହୋଇଛି ବର୍ଡର ଗାଭାସ୍କର ଟ୍ରଫିର ତୃତୀୟ ମ୍ୟାଚ୍ ତଥା ଗାବା ଟେଷ୍ଟ। ବର୍ଷା ସାଜିଲା ଭିଲେନ୍। ପଞ୍ଚ ଦିନରେ ମ୍ୟାଚ୍‌ରେ ରୋମାଞ୍ଚକର ସ୍ଥିତି ଦେଖିବାକୁ ମିଳିଥିଲା। ତେବେ ଖରାପ ଲାଇଟ୍ ଓ ବର୍ଷା ଏଥିରେ ବାଧକ ସାଜିଛି। ଫଳରେ ଅମ୍ପାୟର ମ୍ୟାଚ୍‌କୁ ଡ୍ର’ ଘୋଷଣା କରିଛନ୍ତି।

ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ମ୍ୟାଚ୍ ଡ୍ର’ରେ ଶେଷ ହୋଇଛି। ବୁଧବାର ବ୍ରିସବେନର ଗାବା ଠାରେ ମ୍ୟାଚ୍‌ର ଶେଷ ଏବଂ ପଞ୍ଚମ ଦିନ ଥିଲା। ଘଡ଼ଘଡ଼ି ଓ ବଜ୍ରପାତ ଏବଂ ପରେ ବର୍ଷା ଯୋଗୁଁ ମ୍ୟାଚ୍ ପ୍ରଥମେ ବନ୍ଦ ହୋଇଯାଇଥିଲା। ଶେଷ ଦିନରେ ଟିମ୍ ଇଣ୍ଡିଆ ସାମ୍ନାରେ ୫୪ ଓଭରରେ ୨୭୫ ରନର ଟାର୍ଗେଟ୍ ପୂରଣ କରିବାକୁ ଲକ୍ଷ୍ୟ ରହିଥିଲା। ତେବେ ଭାରତୀୟ ଦଳ ଦ୍ୱିତୀୟ ଇନିଂସରେ କୌଣସି ୱିକେଟ୍ ନହରାଇ ମାତ୍ର ୮ ରନ୍ କରିଥିଲା। ମାତ୍ର ଖେଳରେ ବାଧକ ସାଜିଥିଲା ଖରାପ ଲାଇଟ୍ ଓ ଘଡ଼ଘଡ଼ି। ପରେ ବର୍ଷା ଜାରି ରହିବାକୁ ବ୍ରିସବେନ୍ ଟେଷ୍ଟ ଡ୍ର’ ଘୋଷଣା କରାଯାଇଛି। ଉଭୟ ଦଳର ଅଧିନାୟକଙ୍କ ସହମତିରେ ଏହି ନିଷ୍ପତ୍ତି ନିଆଯାଇଛି। ପ୍ରଥମ ଇନିଂସରେ ଶତକୀୟ ପାଳି ଖେଳିଥିବା ଟ୍ରାଭିସ୍ ହେଡ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ହୋଇଛନ୍ତି।

ଏହାପୂର୍ବରୁ ଅଷ୍ଟ୍ରେଲିଆ ୮୯/୭ରେ ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ଭାରତ ଆଗରେ ୨୭୫ ରନର ଟାର୍ଗେଟ୍ ରଖିଥିଲା, ଯାହାକୁ ୫୪ ଓଭରରେ ପୂରଣ କରିବାର ଥିଲା। କିନ୍ତୁ ଭାରତୀୟ ଟିମ୍ ପ୍ରଥମ ଇନିଂସରେ ୨୬୦ ରନ୍ ସଂଗ୍ରହ କରି ଅଲ୍‌ଆଉଟ୍ ହୋଇଯାଇଥିଲା।

# ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କଲେ ରବି ଚନ୍ଦ୍ରନ୍ ଅଶ୍ୱିନୀ

**ବ୍ରିସ୍‌ବେନ୍‌,** ଭାରତର ସବୁଠାରୁ ସଫଳତମ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ବୁଧବାର ଅନ୍ତର୍ଜାତୀୟ କ୍ରିକେଟକୁ ଅଲ୍‌ବିଦା କହିଛନ୍ତି। ଅଫ ସ୍ପିନର ଅଶ୍ୱିନ ଗାବା ଟେଷ୍ଟର ଶେଷ ଦିନରେ ବେଶ୍ ଭାବବତହ୍ୱଳ ଢଙ୍ଗରେ ଭାରତ ପାଇଁ ଆଉ ଖେଳିବେ ନାହିଁ ବୋଲି ଘୋଷଣା କରିଛନ୍ତି।

ସେ ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜ୍ ଅଧାରରୁ ଭାରତ ଫେରି ଆସିବେ। ସିରିଜ୍‌ର ଆଉ ଦୁଇଟି ମ୍ୟାଚ୍ ବାକି ଥିବା ବେଳେ ଅଶ୍ୱିନ ଅଧାରୁ ଅବସର ନିଷ୍ପତ୍ତି ନେଇଛନ୍ତି। ଅବସର ଘୋଷଣା ପୂର୍ବରୁ ସେ ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କ ସହ ବେଶ୍ କିଛି ସମୟ କଥା ହୋଇ ତାଙ୍କୁ ହଗ୍ କରିଥିଲେ। ବିରାଟ ହଗ୍ କରିବା ବେଳେ ଅଶ୍ୱିନଙ୍କ ଆଖିରୁ ଲୁହ ମଧ୍ୟ ଜକେଇ ଆସିଥିଲା। ଏହାର ଭିଡିଓ ସାମ୍ନାକୁ ଆସିଛି।

ବିରାଟଙ୍କୁ ହଗ୍ କରିବା ପରେ ଅଶ୍ୱିନ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ସହ ମଧ୍ୟ କଥା ହୋଇଥିଲେ। ଶେଷରେ ଅଧିନାୟକ ରୋହିତ ଶର୍ମାଙ୍କ ସହ ମିଶି ସାମ୍ବାଦିକ




ସମ୍ମିଳନୀ କରିବାକୁ ଆସିଥିଲେ। ରୋହିତଙ୍କ ପାଖରେ ବସି ଅଶ୍ୱିନ ଅନ୍ତର୍ଜାତୀୟ କ୍ରିକେଟକୁ ବାଏବାଏ କହିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ ହେଁ ସେ ଆଇପିଏଲ ଓ କ୍ଲବ କ୍ରିକେଟ ଖେଳିବା ଜାରି ରଖିବେ। ୨୦୨୫ ଆଇପିଏଲରେ ତାଙ୍କୁ ଚେନ୍ନାଇ ସୁପର କିଙ୍ଗସରେ ଦେଖିବାକୁ ମିଳିବ।

ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ଗାବା ଟେଷ୍ଟ ଡ୍ର’ ହେବା କ୍ଷଣି ଅଶ୍ୱିନ ତୁରନ୍ତ ବିରାଟଙ୍କୁ ହଗ୍ କରିଥିଲେ। ଏହି ସମୟରେ ସେ ଭାବବିହ୍ୱଳ ହୋଇପଡ଼ିବାରୁ ଅଶ୍ୱିନ କୌଣସି ବଡ଼ ଘୋଷଣା କରିବାକୁ ଯାଉଥିବା ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା। ସୋସିଆଲ ମିଡିଆରେ ଅଶ୍ୱିନଙ୍କ ଅବସର ସମ୍ପର୍କରେ ଖବର ପ୍ରକାଶିତ ହେବାରେ ଲାଗିଥିଲା। ମ୍ୟାଚ୍ ବ୍ରେକ୍ ବେଳେ ମଧ୍ୟ ଅଶ୍ୱିନ ମୁଖ୍ୟ କୋଚ୍ ଗମ୍ଭୀରଙ୍କ ସହ ମଧ୍ୟ କଥା ହୋଇଥିଲେ। ମ୍ୟାଚ୍ ସରିବା ପରେ ସେ ବିଧିବଦ୍ଧ ଭାବେ ଅବସର ସମ୍ପର୍କରେ ଘୋଷଣା କରିଥିଲେ।

୩୮ ବର୍ଷୀୟ ଅଶ୍ୱିନ ଟେଷ୍ଟ କ୍ରିକେଟରେ ଭାରତ ପାଇଁ ସବୁଠାରୁ ଅଧିକ ୱିକେଟ ଦଖଲକାରୀ ଖେଳାଳି। ସେ ଟେଷ୍ଟ କ୍ରିକେଟରେ ଦେଶ ପାଇଁ ୫୩୭ଟି ୱିକେଟ ନେଇଛନ୍ତି। ତାଲିକାରେ ୬୧୯ ୱିକେଟ ସହ ଅନୀଲ କୁମ୍ବଲେ ୧ନଂରେ ରହିଛନ୍ତି।

ବର୍ଡର-ଗାଭାସ୍କର ଟ୍ରଫିର ଫିଙ୍କ୍ ବଲ୍ ଟେଷ୍ଟରେ ଅଶ୍ୱିନ ନଜର ଆସିଥିଲେ। ତେବେ ତୃତୀୟ ଟେଷ୍ଟରେ ତାଙ୍କ ବଦଳରେ ରବୀନ୍ଦ୍ର ଜାଡ଼େଜାଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଥିଲା। ରବି ଅଶ୍ୱିନ ଅବସର ଘୋଷଣା କରିବା ପରେ ବିରାଟ କୋହଲି ବେଶ୍ ଭାବବିହ୍ୱଳ ହୋଇପଡ଼ିଛନ୍ତି। ସେ ଏକ୍ସରେ ଅଶ୍ୱିନଙ୍କ ସହ ଗୋଟିଏ ଫଟୋ ପୋଷ୍ଟ କରି କହିଛନ୍ତି, ‘‘ମୁଁ ତୁମ ସହ ୧୪ ବର୍ଷ ଧରି ଖେଳିଛି। ଆଜି ଯେତେବେଳେ ତୁମେ ମୋତେ ରିଟାୟାର କଥା କହିଥିଲ ସେତେବେଳେ ମୁଁ ବେଶ୍ ଭାବବିହ୍ୱଳ ହୋଇପଡ଼ିଥିଲି। ଏକାଠି ଦୀର୍ଘ ବର୍ଷ ଧରି ଆମେ ଖେଳିଥିବା ସବୁ ସ୍ମୃତି ସାମ୍ନାକୁ ଚାଲି ଆସିଥିଲା। ମୁଁ ତୁମ ସହ କରିଥିବା ସମସ୍ତ ଯାତ୍ରାକୁ ଉପଭୋଗ କରିଛି। ଭାରତୀୟ କ୍ରିକେଟରେ ତୁମ ଦକ୍ଷତା ଓ ମ୍ୟାଚ୍ ଜିତାଇବା ଭଳି ଯୋଗଦାନ କାହା ଠାରୁ ମଧ୍ୟ ପଛରେ ନାହିଁ। ତୁମକୁ ଭାରତୀୟ କ୍ରିକେଟରେ ସବୁବେଳେ କିମ୍ବଦନ୍ତୀ ଭାବେ ସମସ୍ତେ ମନେ ରଖିବେ। ପରିବାର ସହ ତୁମକୁ ଶୁଭେଚ୍ଛା। ସବୁ କିଛି ପାଇଁ ଧନ୍ୟବାଦ।’’

# କିଡ୍‌ନାପ୍ ହେବାଠୁ ବିଶ୍ୱର ବେଷ୍ଟ ସ୍ପିନର : କେମିତି ଥିଲା ଅଶ୍ୱିନୀଙ୍କ ୧୪ ବର୍ଷର କ୍ରିକେଟ ଯାତ୍ରା

**ନୂଆଦିଲ୍ଲୀ**

୧ ନୁହେଁ, ୧୦ ନୁହେଁ, ପୂରା ୧୪ ବର୍ଷ। ସହଜ ନଥିଲା ଦୀର୍ଘ ବର୍ଷ ଅନ୍ତର୍ଜାତୀୟ କ୍ରିକେଟ୍ କ୍ୟାରିୟର। କିନ୍ତୁ ଅଶ୍ୱିନ୍ ସେହି ମନୋନୀତ ଖେଳାଳିଙ୍କ ମଧ୍ୟରେ ଥିଲେ ଯେଉଁମାନେ କେବଳ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପ୍ରାୟ ଦେଢ ଦଶନ୍ଧି ବିତାଇ ନଥିଲେ ବରଂ ଦଳର ସବୁଠାରୁ ବଡ଼ ମ୍ୟାଚ୍ ବିଜେତା ଭାବରେ ମଧ୍ୟ ଉଭା ହୋଇଥିଲେ। ଅଶ୍ୱିନ କ୍ରିକେଟ୍‌ର ତିନୋଟି ଫର୍ମାଟରେ ଟିମ୍ ଇଣ୍ଡିଆ ପାଇଁ ମ୍ୟାଚ୍ ବିଜେତା ଭୂମିକା ଗ୍ରହଣ କରିଥିଲେ।

୧୪ ବର୍ଷ ମଧ୍ୟରେ ଅଶ୍ୱିନ ଭାରତୀୟ ଦଳ ସହିତ କ’ଣ କରିଛନ୍ତି ସେ ବିଷୟରେ ଆମେ ଆଲୋଚନା କରିବା। କିନ୍ତୁ, ଏହାପୂର୍ବରୁ ତାଙ୍କ ଜୀବନର ଅନ୍ୟାନ୍ୟ ଦିଗ ବିଷୟରେ ଜାଣିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଅଶ୍ୱିନଙ୍କୁ କେମିତି କରାଯାଇଥିଲା ଅପହରଣ? ସେ କିପରି ଏକ ମିଡିୟମ ପେସର୍‌ଠାରୁ ଦୁନିଆର ସର୍ବୋତ୍ତମ ଅଫ୍ ସ୍ପିନର୍‌ରେ ରୂପାନ୍ତରିତ ହେଲେ?

କ୍ରିକେଟ୍‌ରେ ପ୍ରାୟତଃ ସେମାନଙ୍କ ପ୍ରତିପକ୍ଷର ମୁଖ୍ୟ ଖେଳାଳିଙ୍କ ସାମ୍ନାପକ୍ଷର ଖେଳାଳିଙ୍କ ଖେଳ ଶୈଳୀ ଏବଂ ଶକ୍ତି ସମୀକ୍ଷା କରନ୍ତି। କିନ୍ତୁ, ଅଶ୍ୱିନଙ୍କ କ୍ଷେତ୍ରରେ କାହାଣୀ ଭିନ୍ନ ଅଟେ। ଟେନିସ୍ ବଲ୍ ମ୍ୟାଚ୍ ସମୟରେ ତାଙ୍କୁ ବିପକ୍ଷ ଦଳ ଅପହରଣ କରି ନେଇଥିଲେ। ଯାହାଫଳରେ ସେ ମ୍ୟାଚ୍ ଖେଳି ପାରିବେ ନାହିଁ। ଗୋଟିଏ ସାକ୍ଷାତକାରରେ ଅଶ୍ୱିନ୍ ଏହି କାହାଣୀ ବିଷୟରେ ଉଲ୍ଲେଖ କରିଥିଲେ।




ଅଶ୍ୱିନ୍ କହିଛନ୍ତି ଯେ ୪-୫ ପ୍ରଶଂସକ ଏବଂ ଅନ୍ୟ ଦଳର ସଦସ୍ୟମାନେ ରୟାଲ୍ ଏନ୍‌ଫିଲ୍ଡରୁ ଆସିଥିଲେ। ତାଙ୍କୁ ଉଠାଇବାର ବାହାନା କରି ତାଙ୍କୁ ସାଙ୍ଗରେ ନେଇଥିଲେ। ଅଶ୍ୱିନ୍ କହିଛନ୍ତି ଯେ ତାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା ମୁଁ ମ୍ୟାଚ୍ ଖେଳିବା ଉଚିତ୍ ନୁହେଁ।

ଯେତେବେଳେ ଅଶ୍ୱିନ୍ କ୍ରିକେଟ୍ ଖେଳିବା ଆରମ୍ଭ କଲେ, ସେ ମିଡିୟମ ପେସର ଭାବେ ଖେଳ ଆରମ୍ଭ କରିଥିଲେ। ତେବେ ତାଙ୍କ ପିଲାଦିନର ବିଦ୍ୟାଳୟର ପ୍ରଶିକ୍ଷକ ସି.କେ ବିଜୟକୁମାର ଯିଏ ତାଙ୍କୁ ମିଡିୟମ ପେସରରୁ ଅଫ୍ ସ୍ପିନର ଭାବେ ଗଢ଼ି ତୋଳିଥିଲେ। ବିଜୟ କୁମାର ସାକ୍ଷାତ୍‌କାରରେ କହିଛନ୍ତି ଯେ ଯେତେବେଳେ ଅଶ୍ୱିନ ଏକାଦଶ ଶ୍ରେଣୀରେ ପଢୁଥିଲେ ସେତେବେଳେ ଏହି ଘଟଣା ଘଟିଥିଲା। ସେ ନେଟ୍‌ରେ ମିଡିୟମ ପେସର ଭାବେ ବୋଲିଂ କରୁଥିଲେ।

ଯେତେବେଳେ ସେ ବୋଲିଂ କରିବା ସମୟରେ ଥକି ଯାଇଥିଲେ, ସେ ଆସି ପଚାରିଲେ, ମୁଁ ତାଙ୍କୁ ଅଫ୍ ସ୍ପିନ୍ କରିପାରିବି କି? ବିଜୟକୁମାର କହିଛନ୍ତି ଯେ ସେ ଅଶ୍ୱିନଙ୍କ କଥାରେ ସହମତ ହୋଇଥିଲେ। କୋଚ୍ କହିଛନ୍ତି ଯେ ତାଙ୍କର ଅଫ୍ ସ୍ପିନ୍ ଧୀରେ ଧୀରେ ତାଙ୍କର ରେକର୍ଡ କରିଚାଲିଥିଲା। ଯେପରି ବିଦ୍ୟାଳୟର ପ୍ରଶିକ୍ଷକ ଧୋନିଙ୍କୁ ଫୁଟବଲ ଗୋଲକିପରରୁ କ୍ରିକେଟ୍ ୱିକେଟ୍ କିପର ପର୍ଯ୍ୟନ୍ତ ପରିବର୍ତ୍ତନ କରିବାକୁ ପରାମର୍ଶ ଦେଇଥିଲେ। ଅଶ୍ୱିନ୍ ମଧ୍ୟ ତାଙ୍କ ସ୍କୁଲ ପ୍ରଶିକ୍ଷକଙ୍କ ପରାମର୍ଶରେ ଅଫ୍ ସ୍ପିନର ହୋଇ କ୍ରିକେଟ୍‌ରେ ସଫଳତାର ଆକାଶକୁ ସ୍ପର୍ଶ କରିଥିଲେ। ୧୪ ବର୍ଷର ଆନ୍ତର୍ଜାତୀୟ କ୍ୟାରିୟରରେ ସେ ୧୦୬ଟି ଟେଷ୍ଟରେ ୫୩୭ ୱିକେଟ୍ ନେଇ ଭାରତର ଦ୍ୱିତୀୟ ସଫଳ ଟେଷ୍ଟ ବୋଲର ଭାବରେ ଉଭା ହୋଇଥିଲେ। ତାଙ୍କର ସମ୍ପୂର୍ଣ୍ଣ ଆନ୍ତର୍ଜାତୀୟ କ୍ୟାରିୟର ବିଷୟରେ ଅଶ୍ୱିନ ତାଙ୍କ ନାମରେ ୭୬୫ୱିକେଟ୍ ନେଇଥିଲେ।

# ମହାନଦୀରୁ ଉଦ୍ଧାର ହେଲା ଅବସରପ୍ରାପ୍ତ ପ୍ରଫେସରଙ୍କ ମୃତଦେହ



**କଟକ, ନ୍ୟୁଜ୍‌ବ୍ୟୁରୋ**

ଯୋବ୍ରା ଆନିକଟ ବ୍ୟାରେଜ ନିକଟରେ ମହାନଦୀରୁ ଉଦ୍ଧାର ହେଲା ଅବସରପ୍ରାପ୍ତ ପ୍ରଫେସରଙ୍କ ମୃତଦେହ ବ୍ୟାରେଜର ୯୩ ନମ୍ବର ଗେଟ ନିକଟରେ ମୃତଦେହ ଭାସୁଥିବାର ଦେଖାଯିବା ପରେ ରେସ୍କ୍ୟୁ ଟିମ୍ ଏହାକୁ ଉଦ୍ଧାର କରିଥିଲା। ପରେ ମୃତକଙ୍କ ପରିଚୟ ସ୍ପଷ୍ଟ ହୋଇଛି। ମୃତବ୍ୟକ୍ତି ୭୯ ବର୍ଷୀୟ ବୈଷ୍ଣବ ଚରଣ ସିଂ ଓ ସେ ରେଭେନ୍ସା ବିଶ୍ୱବିଦ୍ୟାଳୟର ରସାୟନିକ ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ପ୍ରଫେସର ବୋଲି କଟକ ପୋଲିସ ସ୍ପଷ୍ଟ କରିଛି । ଅନ୍ୟପଟେ ଏହା ହତ୍ୟା ନା ଆତ୍ମହତ୍ୟା, ନା ଦୁର୍ଘଟଣା ସେ ସମ୍ପର୍କରେ ପୋଲିସ କିଛି ସ୍ପଷ୍ଟ କରିନଥିବା ବେଳେ ତଦନ୍ତ ଆରମ୍ଭ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସମ୍ପର୍କରେ ସ୍ପଷ୍ଟ ହେବ। ସେହିପରି ମୃତ ପ୍ରଫେସରଙ୍କ ପରିବାର ଓ ସମ୍ପର୍କୀୟଙ୍କ ସହ ମଧ୍ୟ ପୋଲିସ ଯୋଗାଯୋଗ କରିବାକୁ ପ୍ରୟାସ କରୁଛି। ଜୋନ ୧ ଏସିପି ଅରୁଣ ସ୍ୱାଇଁଙ୍କ ମତରେ ମୃତକ ହେଲେ ଭୁବନେଶ୍ୱର ନନ୍ଦନକାନନ ଅଞ୍ଚଳର ମୃତକଙ୍କ ପରିବାର ୧୫ ତାରିଖ ନନ୍ଦନକାନନ ଥାନାରେ ଏନେଇ ଏକ ମିସିଂ କେଶ୍ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମୃତଦେହ ଜବତ ହେବା ପରେ ଏହା ନିଖୋଜ ପ୍ରଫେସରଙ୍କ ବୋଲି ଜଣାପଡ଼ିଛି। ଘଟଣାସ୍ଥଳରେ ମାଲଗୋଦାମ ଥାନା ପୋଲିସ ତଦନ୍ତ ଜାରି ରବା ସହ ମୃତଦେହକୁ ଉଦ୍ଧାର କରି ଏସସିବିରେ ବ୍ୟବଚ୍ଛେଦ କରାଇଛି। ସମ୍ପର୍କୀୟଙ୍କ ମିସିଂ ରିପୋର୍ଟ ଅନୁସାରେ ସେ, ୧୫ ତାରିଖ ସକାଳୁ ପ୍ରାତଃ ଭ୍ରମଣରେ ଆସି ଘରକୁ ଫେରି ନଥିଲେ। ଅନ୍ୟପଟେ ପରିବାର ପକ୍ଷରୁ କୌଣସି ସୂଚନା କିମ୍ବା ପ୍ରତିକ୍ରିୟା ମିଳିପାରିନାହିଁ। ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

# ନ୍ୟୁଜିଲାଣ୍ଡ ଦଳର ଅଧିନାୟକ ହେଲେ ମିଚେଲ ସାଣ୍ଟନର

**ନୂଆଦିଲ୍ଲୀ**

ନ୍ୟୁଜିଲାଣ୍ଡର ଓଡିଆଇ ଏବଂ ଟି-୨୦ ଦଳର ନୂଆ ଅଧିନାୟକ ମିଚେଲ୍ ସାଣ୍ଟନର। ତାଙ୍କୁ ଦଳର ନୂଆ କ୍ୟାପଟେନ୍ ଭାବେ ନିଯୁକ୍ତ କରାଯାଇଛି। ଟି-୨୦ ବିଶ୍ୱକପ୍‌ରେ କିୱି ଦଳର ଖରାପ ପ୍ରଦର୍ଶନ ପରେ ସେ ହ୍ୱାଇଟ ବଲ୍ ଫର୍ମାଟରେ କିୱି ଦଳର ଅଧିନାୟକତ୍ୱରୁ ଇସ୍ତଫା ଦେଇଥିବା କେନ୍ ୱିଲିୟମସନଙ୍କ ସ୍ଥାନ ନେବେ। ସାଣ୍ଟନର ଉଭୟ ଟି-୨୦ ଏବଂ ଓଡିଆଇ ଫର୍ମାଟରେ ନ୍ୟୁଜିଲାଣ୍ଡ ପାଇଁ ୧୦୦ରୁ ଅଧିକ ମ୍ୟାଚ୍ ଖେଳିଛନ୍ତି।

ଅଦ୍ୟାବଧି ସେ ୨୪ଟି-୨୦ ଏବଂ ଚାରିଟି ଦିନିକିଆ ମ୍ୟାଚ୍‌ରେ କ୍ୟାପଟେନ ହୋଇଛନ୍ତି। ଗତ ମାସରେ ଶ୍ରୀଲଙ୍କା ବିପକ୍ଷରେ ଅଧିନାୟକ ବି ଥିଲେ । ଅଲରାଉଣ୍ଡର ଖେଳାଳି ଭୂମିକାରେ ଟିମ୍‌ର ମିଚେଲ ସାଣ୍ଟନରଙ୍କୁ ଅଧିନାୟକ ଦାୟିତ୍ୱ ମିଳିବା ପରେ ସେ କହିଛନ୍ତି ଏହା ତାଙ୍କ ପାଇଁ ଗର୍ବର ବିଷୟ। ସେ କହିଛନ୍ତି, ‘ଜାତୀୟ ଦଳର ଅଧିନାୟକତ୍ୱ ପ୍ରଦାନ କରିବା ଗୌରବର ବିଷୟ । ଦିନେ



ନ୍ୟୁଜିଲାଣ୍ଡ ପାଇଁ ଖେଳିବା ମୋର ପିଲାଦିନର ସ୍ୱପ୍ନ ଥିଲା। କିନ୍ତୁ ଦୁଇଟି ଭିନ୍ନ ଫର୍ମାଟରେ ଦଳର ଅଧିନାୟକତ୍ୱ ପାଇବା ନିଜେ ଭାଗ୍ୟର ବିଷୟ।

ମିଚେଲ ସାଣ୍ଟନର୍ ଏପର୍ଯ୍ୟନ୍ତ ଚାରିଟି ଦିନିକିଆ ମ୍ୟାଚ୍‌ରେ କିୱି ଦଳର ଅଧିନାୟକତ୍ୱ କରିଛନ୍ତି, କିନ୍ତୁ ଦଳ ସେଥିମଧ୍ୟରୁ କେବଳ ଗୋଟିଏ ଜିତିଛି। ସେ ଟି-୨୦ ଅଧିନାୟକ ଭାବରେ ବହୁତ ସଫଳ ହୋଇଛନ୍ତି। ସାଣ୍ଟନର୍ ଏପର୍ଯ୍ୟନ୍ତ ୨୪ଟି-୨୦ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ କ୍ୟାପଟେନ ଭାବେ ସମ୍ଭାଳିଛନ୍ତି, ସେଥିରୁ ଦଳ ୧୩ ଥର ଜିତିଛି । ନ୍ୟୁଜିଲାଣ୍ଡର ମୁଖ୍ୟ ପ୍ରଶିକ୍ଷକ ଗ୍ୟାରି ଷ୍ଟେଡ୍ ମଧ୍ୟ ମିଚେଲ ସାଣ୍ଟନର୍ଙ୍କୁ ଧଳା ବଲ୍ ଅଧିନାୟକ କରିବାର କାରଣ କହିଛନ୍ତି।

ସେ କହିଛନ୍ତି ଯେ ଟମ୍ ଲାଥାମ୍ ଟେଷ୍ଟ କ୍ରିକେଟ୍ ଉପରେ ଅଧିକ ଧ୍ୟାନ ଦେଇ ପାରିବେ। ତେଣୁ ସାଣ୍ଟନରଙ୍କ ଟି-୨୦ ଏବଂ ଓଡିଓ ଦଳର ଅଧିନାୟକ କରାଯାଇଛି। ଗ୍ୟାରି ଷ୍ଟେଡ୍ କହିଛନ୍ତି, ‘ଟମ୍ ଲାଥାମ୍ ଜଣେ ଅଭିଜ୍ଞ ତଥା ସଫଳ ଅଧିନାୟକ, ଯିଏ ତିନିଟି ଫର୍ମାଟରେ ଦଳକୁ ଭଲ ଭାବରେ ଆଗେଇ ନେଇଛନ୍ତି। ଅକ୍ଟୋବରରେ ଟେଷ୍ଟ ଦଳର ଅଧିନାୟକତ୍ୱ ଗ୍ରହଣ କରିବା ପରେ ଲାଥାମ୍ ଭଲ ପ୍ରଦର୍ଶନ କରୁଛନ୍ତି। ଆମେ ଚାହୁଁଛୁ ଯେ ସେ କେବଳ ତାଙ୍କର ପୂର୍ଣ୍ଣ ଏକାଗ୍ରତା ଦିଅନ୍ତୁ।

# ପୁଲୱାମା ଶହୀଦଙ୍କ ପୁଅଙ୍କ ଜୀବନ ବଦଳାଇଦେଲେ ସେହ୍ୱାଗ




**ନୂଆଦିଲ୍ଲୀ**

୨୦୧୯ ଫେବୃଆରୀ ୧୪ରେ ପୁଲୱାମାରେ ଆତଙ୍କବାଦୀମାନେ ସିଆରପିଏଫ୍ ଯବାନଙ୍କ ବସ୍‌କୁ ଉଡ଼ାଇ ଦେଇଥିଲେ। ଏଥିରେ ୪୦ ଯବାନ ଶହୀଦ ହୋଇଥିଲେ। ଉକ୍ତ ଯବାନଙ୍କ ମଧ୍ୟରେ ଜଣେ ବିଜୟ ସୋରେଙ୍ଗ ଥିଲେ। ଏବେ ତାଙ୍କ ପୁଅ ରାହୁଲ ସୋରେଙ୍ଗଙ୍କୁ ବିରେନ୍ଦ୍ର ସେହ୍ୱାଗ ପ୍ରତିଭାବାନ କ୍ରିକେଟର ଭାବେ ଗଢ଼ି ତୋଳିଛନ୍ତି। ଏବେ ତାଙ୍କୁ ବିଜୟ ମର୍ଚାଣ୍ଟ ଟ୍ରଫି ଲାଗି ହରିୟାଣା ଟିମ୍‌ରେ ଚୟନ କରାଯାଇଛି। ନିଜେ ସେହ୍ୱାଗ ଏନେଇ ଟୁଇଟ୍ କରି ସୂଚନା ଦେଇଛନ୍ତି। ବାପା ଶହୀଦ ହେବା ସମୟରେ ରାହୁଲ ୧୦ ବର୍ଷର ଥିଲେ। ଏତେ କମ୍ ବୟସରେ ବାପାଙ୍କୁ ହରାଇଥିବା ବେଳେ ତାଙ୍କ ଭବିଷ୍ୟତକୁ ନେଇ ଅନିଶ୍ଚିତତା ଦେଖାଦେଇଥିଲା। ସେହ୍ୱାଗ କିନ୍ତୁ ତାଙ୍କ ଜୀବନ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଥିଲେ। ସିଆରପିଏଫ୍ ଆକ୍ରମଣରେ ଶହୀଦ ଯବାନଙ୍କ ପିଲାମାନଙ୍କୁ ମାଗଣା ଶିକ୍ଷା ଦେବେ ବୋଲି ସେ ଘୋଷଣା କରିଥିଲେ। ସେହ୍ୱାଗ ନିଜ ପ୍ରତିଶ୍ରୁତି ପୂରଣ କରିଛନ୍ତି। ସେ ରାହୁଲଙ୍କୁ ଝଜ୍ଜରରେ ଥିବା ନିଜ ସ୍କୁଲରେ ଦାଖଲ କରିଥିଲେ। ସେବେଠାରୁ ସେ ପାଠ ପଢ଼ିବା ସହ କ୍ରିକେଟର ଶିକ୍ଷା ଗ୍ରହଣ କରି ଆସୁଛନ୍ତି। ରାହୁଲ ଏବେ ୧୫ ବର୍ଷର ହେଲେଣି। ତାଙ୍କୁ ବିଜୟ ମର୍ଚାଣ୍ଟ ଟ୍ରଫିରେ ସୁଯୋଗ ମିଳିଛି। ଏହାକୁ ନେଇ ସେହ୍ୱାଗ ଏକ ଭାବୁକ ପୋଷ୍ଟ କରିଛନ୍ତି। ରାହୁଲ ଜଣେ ବିସ୍ଫୋରକ ବ୍ୟାଟ୍ସମ୍ୟାନ। ସେହ୍ୱାଗ ଭଳି ସେ ଜଣେ ଓପନର। ତାଙ୍କ ଚୟନ ହେବା ଜୀବନର ସବୁଠାରୁ ବଡ଼ ଉପଲବ୍ଧି ବୋଲି ସେହ୍ୱାଗ କହିଛନ୍ତି।

# ଓଡ଼ିଶା ଭଲି ଟିମ୍‌ର ଅଧିନାୟକ ଅଭିନ୍ନ ସାମଲଙ୍କୁ ସମ୍ବର୍ଦ୍ଧନା



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ମାଟି ଭଲିବଲର ମାଟି। ଏହି ମାଟିର ସନ୍ତାନ ଅନେକ ରାଜ୍ୟ ସ୍ତରୀୟ ଓ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ କେନ୍ଦ୍ରାପଡ଼ାକୁ ଗୌରବାନ୍ୱିତ କରିଛନ୍ତି। ଚଉଦ ବର୍ଷରୁ କମ୍ ଓଡ଼ିଶା ଭଲି ଟିମ୍‌ର ଅଧିନାୟକ ଭାବରେ ମନୋନୀତ ହୋଇ କେନ୍ଦ୍ରାପଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଛାତ୍ର ଅଭିନ୍ନ ସାମଲ ଉତ୍ତରପ୍ରଦେଶର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟଠାରେ ଜାତୀୟସ୍ତରୀୟ ସ୍କୁଲ ପ୍ରତିଯୋଗିତାରେ ତିନି ତାରିଖରୁ ଚଉଦ ତାରିଖ ପର୍ଯ୍ୟନ୍ତ ଖେଳି ସୁନାମ ଆଣିଛନ୍ତି। ଓଡ଼ିଶା କ୍ୟାପଟେନ ଅଭିନ୍ନ ସାମଲଙ୍କୁ କେନ୍ଦ୍ରାପଡ଼ା ହାଇସ୍କୁଲ ପଡ଼ିଆ ଠାରେ ୟୁଥ୍ ଭଲିବଲ ଏକାଡେମୀ, କେନ୍ଦ୍ରାପଡ଼ା ଦ୍ୱାର ଏକ ସମ୍ବର୍ଦ୍ଧନା ପର୍ବ ଆୟୋଜନ କରାଯାଇଥିଲା। ଏହି ସଭାରେ ଅଥଲେଟିକ ଆସୋସିଏସନର ସମ୍ପାଦକ ସାୟେଦ ଅକ୍ମଲ୍ ଅଲ୍ଲୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟାନ୍ୟ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଏସିଡେମିର ସଭାପତି ସେକ ରଫିକ୍, ସମ୍ପାଦକ ସେକ୍ ରେହାନ, ପୂର୍ବତନ ଭଲିବଲ ଖେଳାଳି ମହମ୍ମଦ ଅସଗର ଅଲ୍ଲୀ, ପିତା ଅଚ୍ୟୁତାନନ୍ଦ ସାମଲ, ଆଦି ଉପସ୍ଥିତ ରହି କ୍ୟାପଟେନ ଅଭିନ୍ନ ସାମଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ ଉତ୍ସବରେ ବହୁତ ସଂଖ୍ୟକ ଖେଳାଳି ଉପସ୍ଥିତ ଥିଲେ। ଅଭିନ୍ନ ସାମଲଙ୍କର ଭଲି ଖେଳରେ ଉତ୍ତରୋତ୍ତର ଉନ୍ନତି ହେଉ ବୋଲି ଉପସ୍ଥିତ ଅତିଥିମାନେ ଆଶୀର୍ବାଦ କରିଥିଲେ ଓ କରତାଳି ଦେଇ ଉତ୍ସାହିତ କରିଥିଲେ। ଆଗାମୀ ଦିନରେ ଦେଶପାଇଁ ଭଲି ଖେଳିବାକୁ ଆଶା ରଖିଥିବା ଅଭିନ୍ନ ପ୍ରକାଶ କରି କେନ୍ଦ୍ରାପଡ଼ାରେ ଭଲି ବଲର ଅଭିଜ୍ଞ କୋଚ୍‌ର ଆବଶ୍ୟକତା ଅଛି ବୋଲି ମତ ପ୍ରକାଶ କରିଥିଲେ। ଶେଷରେ ସେକ ରଫିକ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

**OFFICE OF THE ANGUL MUNICIPALITY, ANGUL** C-1281
**No. 5626 Date 17.12.2024**
**TENDER CALL NOTICE**

Sealed tenders in prescribed form are invited from the specified class of contractors registered with Govt. of Orissa for the following works. The tender document for the work will be available from the office of the Executive Officer, Angul Municipality during the office hours in the working-day in shape of cash of required amount as mentioned against the work (Non-refundable) from dt.18.12.2024 to 24.12.2024 up to 5.00 P.M. The tenderers should deposit the E.M.D. at the rate of 1% of the estimated cost as indicated in shape of cash depositT.D/Postal saving pass book duly pledged in favour of Executive Officer, Angul Municipality along with the tender documents. The tender will be received up to 12.30 P.M. on dt.26.12.2024 in the office of the Executive Officer, Angul Municipality. The tender will be opened on 26.12.2024 at 1.00 P.M. in the presence of the tenderers or their authorized agents if present. The valid RC,PAN card & GSTIN should be accompanied with the tender documents. All other detail information can be available from the office of the Executive Officer, Angul Municipality The authority reserves the right to reject any or all tenders without assigning any reason thereof.

| Sl. No | Name of the work | Estimated amount (including GST) | Cost of tender paper (Non-refundable) | E.M.D (In Rs.) | Class of Contractor | Time of completion |
|---|---|---|---|---|---|---|
| 1 | 2 | 3 | 4 | | 5 | 6 |
| 01 | Construction of culvert infront of Budha Dwivedy house in ward N.18 | Rs.48,000.00 | Rs.400/- | Rs.480/- | 'D' & 'C' Class | One month |
| 02 | Cleaning of water hyacinth of Idol immersion pond ward No.20 | Rs.56,000.00 | Rs.400/- | Rs.560/- | -do- | -do- |
| 03 | Construction of Idol Immersion pond at back side of Khao gali for 2024 | Rs.57,000.00 | Rs.400/- | Rs.570/- | -do- | -do- |
| 04 | Supplying and fitting of Executive Officer residence ceiling | Rs.63,000.00 | Rs.400/- | Rs.630/- | -do- | -do- |
| 05 | Spreading of crusher dust infront of Baniabahal School for the year 2024ward No.10 | Rs.70,000.00 | Rs.400/- | Rs.700/- | -do- | -do- |
| 06 | Construction of retaining wall at Happy bandha in ward No.12 | Rs.1,34,000.00 | Rs.600/- | Rs.1350/- | -do- | -do- |
| 07 | Old Bus-stand market complex repair | Rs.1,50,000.00 | Rs.600/- | Rs.1500/- | -do- | -do- |
| 08 | Fitting of Kadampadia Ist floor shop room shutter at old Bus-stand | Rs.1,54,000.00 | Rs.600/- | Rs.1540/- | -do- | -do- |
| 09 | Supplying Tree guard for Smart park road. | Rs.1,74,000.00 | Rs.600/- | Rs.1740/- | -do- | -do- |
| 10 | Amlapada.Durga puja Mandap renovation in ward No.18 | Rs.1,96,000.00 | Rs.600/- | Rs.1960/- | -do- | -do- |
| 11 | Renovation of Kadampadia office building | Rs.1,98,600.00 | Rs.600/- | Rs.1990/- | -do- | -do- |
| 12 | Collecting & spreading of crusher dust at Gundicha Temple, Sai temple, Netaji park & Subas Bose park. | Rs.1,99,000.00 | Rs.600/- | Rs.1990/- | -do- | -do- |
| 13 | Collecting & spreading of crusher dust at Karadagadia Dumping area road. | Rs.1,99,000.00 | Rs.600/- | Rs.1990/- | -do- | -do- |
| 14 | Collecting & spreading of crusher dust at various places of Angul Muniipality | Rs.1,99,000.00 | Rs.600/- | Rs.1990/- | -do- | -do- |
| 15 | Colour of AmalapadaKalyan Mandap in ward No.18 | Rs.1,99,000.00 | Rs.600/- | Rs.1990/- | -do- | -do- |
| 16 | Supplying Tree guard for Dhoba bandha ward No.20 | Rs.1,99,000.00 | Rs.600/ | Rs.1990/- | -do- | -do- |
| 17 | Cleaning of water hyacinth of Choukini pond ward No.7 | Rs.1,99,000.00 | Rs.600/- | Rs.1990/- | -do- | -do- |
| 18 | Laying of Granite flooring infront of Kalakendra ward No.14 | Rs.1,99,000.00 | Rs.600/ | Rs.1990/- | -do- | -do- |
| 19 | Installation of UPVC door and window at Light house ward No.14 | Rs.1,99,000.00 | Rs.600/ | Rs.1990/- | -do- | -do- |

Sd/- Executive Officer
Angul Municipality
OIPR-13085/11/0021/2425

E-Mail I.D.-eepwdcuttack@gmail.com
Tel./ Fax No.(0671)-2304128
**OFFICE OF THE SUPERINTENDING ENGINEER**
**CUTTACK (R&B) DIVISION NO.I: CUTTACK** B-774
**GOVERNMENT OF ODISHA**
**('e' PROCUREMENT NOTICE)**
**Bid Identification No. S.E. CTC(R&B)-44 of 2024-25**
**SHORT TENDER CALL NOTICE**

1 The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on Percentage rate basis bid in **Single cover system** in ONLINE MODE from eligible contractor for Road works as mentioned below.
2. No. of Work :- 02 Nos.
3. Nature of work :- Road works
4. Class of Contractor :- "C" & "B" and "B" Class
5. Tender Paper Cost :- Rs.6000/- (Online)
6. Available of bid documents in the website :- From 20/12/2024 to 5PM of 26/12/2024
7. Date of Opening of Bid :- 11AM of 27/12/2024
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

Sd/- (Er.P.K. Majhi)
Superintending Engineer
Cuttack (R&B) Division No.I
OIPR-34091/11/0039/2425

# ଉତ୍କଳ ସାମ୍ବାଦିକ ସଂଘର କଟକ ଜିଲ୍ଲା କାର୍ଯ୍ୟାଳୟ ଉଦ୍‌ଘାଟିତ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଉତ୍କଳ ସାମ୍ବାଦିକ ସଂଘର କଟକ ଜିଲ୍ଲା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। କଟକ ମହାନଦୀ ବିହାରସ୍ଥିତ ଏହି କାର୍ଯ୍ୟାଳୟକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରାଷ୍ଟ୍ରୀୟ ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମହାରାଜ ବିଧିବଦ୍ଧ ଭବେ ଉଦ୍‌ଘାଟନ କରିଛନ୍ତି। ଜିଲ୍ଲା ସଭାପତି ସତ୍ୟବ୍ରତ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୁତି ଭୂଷଣ କର, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ସଂଘର ଉପଦେଷ୍ଟା ଦିଲ୍ଲୀପ କୁମାର ଛତାର ପ୍ରମୁଖ ଉଦ୍‌ଘାଟନରେ ସାମିଲ ହୋଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତି ବିଶେଷ ଓ ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ସଂଘର ସମ୍ପାଦକ ସମରେନ୍ଦ୍ର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଙ୍ଗଠନ ସମ୍ପାଦକ ସରୋଜ କୁମାର ଦାସ କାର୍ଯ୍ୟକ୍ରମ ସଂଯୋଜନା ଓ ଉପସଭାପତି ପ୍ରିତିରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କର୍ପୋରେଟର ସୁବ୍ରତ ଘଡ଼େଇ, ବିଧାୟକଙ୍କ ପ୍ରତିନିଧି ରମାକାନ୍ତ ଲେଙ୍କା, ମହାନଦୀ ବିହାର ଉନ୍ନୟନ ପରିଷଦ ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ରାଜ୍ୟ ଟ୍ରକ ମାଲିକ ସଙ୍ଘ ସମ୍ପାଦକ ରବି ଶତପଥୀ, ଆଇନଜୀବୀ ପ୍ରମୋଦ କୁମାର ସାହୁ, ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ସେଠୀ, ବିଜୟଲକ୍ଷ୍ମୀ ମହାପାତ୍ର, ପ୍ରମୋଦ ଧର୍ମେନ ଗୁପ୍ତା, ପ୍ରହଲାଦ ମହାନ୍ତି, ସଞ୍ଜୟ କୁମାର ଜେନା, ବାବୁଲି ଦାସ, ଡକ୍ଟର କମଳ ଲୋଚନ ମିହାନ୍ତି, କୀର୍ତ୍ତି ରଞ୍ଜନ ପଟ୍ଟନାୟକ, ସୁଶାନ୍ତ କୁମାର ଖୁଣ୍ଟିଆ, ପ୍ରଶାନ୍ତ ବେହେରା, ସାମ୍ବାଦିକ ଦୀପକ ମଙ୍ଗରାଜ, ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ସିବିରେ ଚାକିରି ନାଁରେ ଠକେଇ ମାମଲା : ଲମ୍ବୁଛି ଅଭିଯୋଗକାରୀଙ୍କ ତାଲିକା

**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକ ବଡ଼ ମେଡିକାଲରେ ଚାକିରି ନାଁରେ ଲକ୍ଷାଧିକ ଟଙ୍କା ଠକେଇ ଘଟଣା। ଗତ ଦୁଇ ମାସରେ ୮୨ ଜଣଙ୍କଠାରୁ ଠକେଇ ହୋଇଛି ୨୮ଲକ୍ଷ ଟଙ୍କା। ସେପଟେ ଏହି ମାମଲାରେ ଗିରଫଦାରୀ ସଂଖ୍ୟା ୫ରେ ପହଞ୍ଚିଛି। ମଙ୍ଗଳାବାଗ ଥାନାରେ ମାମଲା ରୁଜୁ ହୋଇଛି। ଏତଲା ଦେଇଛନ୍ତି ନିଯୁକ୍ତି ଠକେଇର ଶିକାର ହୋଇଥିବା ଆହୁରି ୮ ଯୁବକ ଯୁବତୀ। ଏସ୍‌ସିବି ବଡ଼ ମେଡିକାଲରେ ଚାକିରି ନାଁରେ ଠକେଇ ଘଟଣା। ମଙ୍ଗଳବାର ଆଉ ୮ ଜଣ ଯୁବକଯୁବତୀ ଏତଲା ଦେଇଛନ୍ତି। ସୋସିଆଲ ମିଡିଆରେ ବିଜ୍ଞାପନ ଦେଇ ସେମାନଙ୍କଠୁ ଲକ୍ଷାଧିକ ଟଙ୍କା ହରିଲୁଟ୍ ହୋଇଥିବା ଥାନାରେ ଅଭିଯୋଗ କରିଛନ୍ତି ଅଭିଯୋଗକାରୀ। ଏହି ମାମଲାରେ ଆଗକୁ ଗିରଫଦାରୀ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। କିଛି ଦିନ ପୂର୍ବରୁ ଘଟଣାରେ ୫ ଅଭିଯୁକ୍ତ ଗିରଫ ହୋଇଥିଲେ। ସୁଦ୍ଧା ସୂତାଖିଅ ଲମ୍ବିବା ପରି ବଢ଼ି ଚାଲିଛି ଅଭିଯୋଗର ପୃଷ୍ଠା। ଠକେଇ ମାମଲାର ମୁଖ୍ୟ କାର୍ପଟଦାର ଦଲାଲ ୨ ଭାଇ ଅର୍ଜିତ ମହାନ୍ତି ଓ ଅର୍ପିତ ମହାନ୍ତି ଏବଂ ଏମାନଙ୍କ ୨ ସହଯୋଗୀ ଦେବାଶିଷ ଓ ଅକ୍ଷୟଙ୍କୁ ମଙ୍ଗଳାବାଗ ଥାନା ପୋଲିସ ପୂର୍ବରୁ ଗିରଫ କରିଛି। ଜଣେ ବ୍ୟକ୍ତିଙ୍କୁ ଏସସିବିରେ ଚାକିରି କରାଇ ଦେବାକୁ କହି ୧୦ ଲକ୍ଷ ଟଙ୍କା ଠକେଇ କରିଥିଲେ ଏମାନେ। ଏହି ଠକେଇ ଜଣାପଡ଼ିବା ପରେ ପୋଲିସ ଏମାନଙ୍କୁ ଗିରଫ କରିଥିଲା। କିନ୍ତୁ ଏହି ଘଟଣାରେ ଆହୁରି ଠକ ଲିଙ୍କ୍ ରହିଥିବା ଥାନା ନେଇ




ଅଭିଯୋଗ କରିଛନ୍ତି ଯୁବକ ଯୁବତୀ। କଟକ ବଡ଼ ମେଡିକାଲରେ ଚାକିରି କରାଇ ଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ ହୋଇଥିଲା। ଗତ ଦୁଇ ମାସରେ ୮୨ ଜଣଙ୍କଠାରୁ ୨୮ଲକ୍ଷ ଟଙ୍କା ଠକେଇ ହୋଇଥିବା ଜଣାପଡିଛି । ସୋସିଆଲ ମିଡିଆରେ ବିଜ୍ଞାପନ ଦେଇ ଲକ୍ଷାଧିକ ଟଙ୍କା ଲୁଟ୍ କରୁଛନ୍ତି ଦଲାଲ। ଏସ୍‌ସିବି କୁଳସଚିବ ଅବିନାଶ ରାଉତ କହିଛନ୍ତି, ଏସ୍‌ସିବି ମେଡିକାଲରେ ଆଟେଣ୍ଡାଣ୍ଟ, ସୁରକ୍ଷାକର୍ମୀ, ସଫେଇ କର୍ମୀ, ଲିଫ୍ଟ ଅପରେଟର, ଡାଟା ଏଣ୍ଟ୍ରି ଅପରେଟର, ଟେକ୍ନିସିଆନ ପଦବୀରେ କର୍ମଚାରୀଙ୍କୁ ଆଉଟସୋର୍ସିଂ ଜରିଆରେ ଏସସିବିରେ ନିଯୁକ୍ତି ମିଳିଥାଏ। ଯେଉଁଥିରେ ଏସ୍‌ସିବିର କୌଣସି ଭୂମିକା ନଥାଏ। କେବଳ କିଛି ପଦବୀ ପାଇଁ ମେଡିକାଲ ପକ୍ଷରୁ ଏକ ଟିମ୍ ଗଠନ ହୋଇ ଏହି ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତାକୁ ଦୃଷ୍ଟି ଦିଆଯାଏ। କିନ୍ତୁ ବର୍ତ୍ତମାନ ଯେଉଁ ଦୁଇଟି ଆଉଟସୋର୍ସିଙ୍ଗ ସଂସ୍ଥା ଏସ୍‌ସିବିରେ ନିଯୁକ୍ତି ଠକେଇ ଘଟଣାରେ ସାମିଲ ଅଛନ୍ତି, ସେମାନଙ୍କୁ କାରଣ ଦର୍ଶାଅ ନୋଟସ ଜାରି କରାଯିବା ସହ ଆଗାମୀ ଦିନରେ ଏଭଳି ଘଟଣା ଯେପରି ନଘଟେ ସେ ଦିଗରେ ଧ୍ୟାନ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।





## ସର୍ଗିଫୁଲ ଉତ୍ସବ ୨୦୨୪ ଶୁଭାରମ୍ଭ

# କିଶୋର ସୃଜନଶକ୍ତିକୁ ଅଧିକ ଋଦ୍ଧିମନ୍ତ କରିବ ସର୍ଗିଫୁଲ : ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଆରମ୍ଭ ହୋଇଯାଇଛି ବହୁ ପ୍ରତୀକ୍ଷିତ ସର୍ଗିଫୁଲ ଉତ୍ସବ ୨୦୨୪ । ତିନିଦିନବ୍ୟାପୀ ହେବାକୁ ଥିବା ଏହି ଉତ୍ସବର ଶୁଭାରମ୍ଭ କରିଛନ୍ତି ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ। ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଉତ୍ସବରେ ଯୋଗ ଦେଇ ମନ୍ତ୍ରୀ ଏସସି/ଏସଟି ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧନ କରିଛନ୍ତି। ସେହିପରି ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ଡ. ପୋମା ଟୁଡୁ, ଅନୁସୂଚିତ ଜାତି ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲ୍ଲିକ, ବିଭାଗୀୟ ଅତିରିକ୍ତ ଶାସନସଚିବ ତଥା ବିତ୍ତ ପରାମର୍ଶଦାତା ବନିତା ଦାଶ, ଅତିରିକ୍ତ ଶାସନସଚିବ ନାରାୟଣ ଧଳ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ନାଏକ ସର୍ଗିଫୁଲର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରି କହିଛନ୍ତି, ଆଦିବାସୀମାନେ ହେଉଛନ୍ତି ପ୍ରକୃତିର ଉପାସକ। ସମୟାନୁକ୍ରମେ ଜନଜାତି ସମ୍ପ୍ରଦାୟ ସର୍ଗିଫୁଲ ବା ଶାଳ ଫୁଲକୁ ଖାଦ୍ୟ ଭାବେ ଗ୍ରହଣ କରିଆସୁଥିଲେ। ପରେ ଏହାକୁ ଜାହିରା ଭାବେ ପୂଜା କରିବା ଆରମ୍ଭ କରିଥିଲେ। ତେଣୁ ସର୍ଗିଫୁଲ ହେଉଛି ପ୍ରେରଣାର ଉତ୍ସ। ସେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ଏହା ମଧ୍ୟ କହିଛନ୍ତି ଯେ କିଶୋର ସୃଜନଶକ୍ତିକୁ ଅଧିକ ଋଦ୍ଧିମନ୍ତ କରିବା ଉଦ୍ଦେଶ୍ୟରେ ସର୍ଗିଫୁଲ ଉତ୍ସବ ଆରମ୍ଭ । ଆମ ପିଲାମାନେ ରାଜ୍ୟକୁ ପ୍ରତିନିଧିତ୍ୱ କରିବା ଭଳି ଦକ୍ଷତା ଓ ସାମର୍ଥ୍ୟ ରଖିଛନ୍ତି । ସେମାନଙ୍କ ଅନ୍ତର୍ନିହିତ ପ୍ରତିଭା ଓ ଗୁଣାବଳୀ ଦେଖାଇବା ହେଉଛି ଏହି ଉତ୍ସବ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ।

## ଦରଦାମ ବୃଦ୍ଧି ବିରୋଧରେ ରାସ୍ତାକୁ ଓହ୍ଲାଇବ ବିଜେଡି

# ଜାନୁଆରୀ ୬ରେ ଲୋକସେବା ଭବନ ସମ୍ମୁଖରେ ପ୍ରତିବାଦ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର : ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦର ବୃଦ୍ଧି ସହ ରାଜ୍ୟରେ ବିଜେପି ସରକାର ଯେଉଁଭଳି ଭାବେ ଲୋକଙ୍କୁ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଛି, ତାହାକୁ ନେଇ ରାସ୍ତାକୁ ଓହ୍ଲାଇବ ବିଜେଡି। ଏନେଇ ବିଜେଡି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କମିଟିର ଆବାହକ ସଞ୍ଜୟ ଦାସବର୍ମା କହିଛନ୍ତି ଆସନ୍ତା ଜାନୁଆରୀ ୬ରେ ଦରଦାମ ବୃଦ୍ଧି ବିରୋଧରେ ଆନ୍ଦୋଳନ କରି ରାଜରାସ୍ତାକୁ ଓହ୍ଲାଇବ ବିଜେଡି। ଦର ଦାମ ନିୟନ୍ତ୍ରଣ ନ ହେଲେ ସାରା ରାଜ୍ୟରେ ଆନ୍ଦୋଳନ ହେବ। ନୂଆ ସରକାରଙ୍କୁ ବିରୋଧ କରାଯିବା ସହ ଲୋକସେବା ଭବନ ଆଗରେ ବିକ୍ଷୋଭ ହେବ। ନୂଆ ସରକାରର ଗଠନର ଛ’ ମାସରେ ଦରଦାମ ବଢ଼ି ଚାଲିଛି। ସରକାର ଯେଉଁ ପ୍ରତିଶ୍ରୁତି ଦେଇ ଆସିଥିଲେ, ତାହା କୁଆଡ଼େ ଗଲା ବୋଲି ସଞ୍ଜୟ ଦାସବର୍ମା ପ୍ରଶ୍ନ କରିଛନ୍ତି।

ସେହିପରି ବିଜେଡିର ବରିଷ୍ଠ ନେତା ତଥା ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ମିଶ୍ର କହିଛନ୍ତି ଜାନୁଆରୀ ୬ରେ ଦରଦାମ ବୃଦ୍ଧି ବିରୋଧରେ ବିଜେଡି ଆନ୍ଦୋଳନକୁ ଓହ୍ଲାଇବ। ବିଜେପି ନିଜର ପ୍ରତିଶ୍ରୁତି ପାଳନ ନ କରିବା, ଦରଦାମ ବୃଦ୍ଧି କଥାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବୁ। ଆସନ୍ତା ଜାନୁଆରୀ ୬ ତାରିଖରେ ଭୁବନେଶ୍ୱରରେ ବିରାଟ ଆନ୍ଦୋଳନ କରାଯିବ। ଦରଦାମରେ ଲୋକେ ଯେମିତି ଅତିଷ୍ଠ ହେଲେଣି, ତାକୁ ନେଇ ସଚେତନ କରାଯିବ ବୋଲି କହିଛନ୍ତି ଦେବୀ ମିଶ୍ର।

ସେହିପରି ବିଜେଡି ମହିଳା ଜନତା ଦଳ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ସ୍ୱାମୀ ଆୟରେ ଗୃହିଣୀ ଘର ଚଳାଏ। ହେଲେ ଅହେତୁକ ଦର ବୃଦ୍ଧି ଯୋଗୁଁ ହାଣ୍ଡିଶାଳରେ ଚଡ଼କ ପଡ଼ିଛି। ଡବଲ ଇଞ୍ଜିନ ସରକାର ବିକାଶ ନାରା ଦେଇଥିଲେ, ହେଲେ ଅର୍ଥନୀତି ପରିଚାଳନାରେ ବିଫଳ ହୋଇଛନ୍ତି। ୨୦୧୪ରୁ ଏନଡିଏ ସରକାର ଆସିବା ଦିନରୁ ଦର ବୃଦ୍ଧି ହୋଇ ଚାଲିଛି। ମଧ୍ୟବିତ୍ତ ଓ ଉଚ୍ଚ ମଧ୍ୟବିତ୍ତ କ୍ଷତି ସହୁଛନ୍ତି। ସେପଟେ ବିନା କଟନୀ ଛଟନୀରେ ଧାନ କିଣିବା ସହ ୩୧୦୦ ଟଙ୍କା ଏମ୍‌ଏସ୍‌ପି ଘୋଷଣା କରିଥିଲେ, ହେଲେ ଏବେ ଟୋକନ ଆସିନି। ମୁଁ ବି ଚାଷୀ, ମୋର ବି ଟୋକାନ ଆସିନି। ଆନାଲାଇଜର ଯୋଗୁଁ ୮-୯ କିଲୋ କଟନୀ ଛଟନୀ ହେଉଛି। ମିଲରଙ୍କୁ ସୁହାଇବାକୁ ଆନାଲାଇଜର ଲଗା ଯାଇଛି।

କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର କରିଛି। ଅଚ୍ଛେ ଦିନ ଆଣିବା କଥା କହି ଆସିଥିଲେ। ହେଲେ ଏହା କଥାରେ ରହିଯାଇଛି। ସାରା ଦେଶରେ ଦରଦାମ ହୁ ହୁ ହୋଇ ବଢିଚାଲିଛି। ପୂର୍ବରୁ ନବୀନ ସରକାର ସମୟରେ ରାଜ୍ୟର ଦରଦାମ ନିୟନ୍ତ୍ରଣ ଭିତରେ ରହୁଥିଲା, ହେଲେ ବିଜେପି ସରକାର ଆସିବାର ଛଅ ମାସ ଭିତରେ ଦରଦାମ ହୁ ହୁ ହୋଇ ବଢିଗଲା। ଦର ବୃଦ୍ଧିରେ ଏବେ ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି। ଏହା ଚିନ୍ତାଜନକ କଥା, ହେଲେ ସରକାର ବେଫିକର ହୋଇ ବସିଛନ୍ତି। ବିଜେଡିରେ ଛାମୁଆ ସଂଗଠନ ଏହା ବିରୋଧରେ ଆନ୍ଦୋଳନ କରି ସରକାରଙ୍କ ନିଦ୍ରା ଭଙ୍ଗ କରାଯିବ। ସାରା ରାଜ୍ୟରେ ଆନ୍ଦୋଳନ ବ୍ୟାପକ ହେବ ବୋଲି କହିଛନ୍ତି ଯୁବ ବିଜେଡି ସଭାପତି ବ୍ୟୋମକେଶ ରାୟ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ‘ଖୁବ୍‌ଶୀଘ୍ର କେନ୍ଦୁଝରର...

ତେଲକୋଇ ବିଧାୟକ ଫକୀର ମୋହନ ନାଏକ ଓ ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

### ଆମ୍ବେଦକରଙ୍କ ବିରୋଧରେ...

ବରଂ ତାଙ୍କୁ ୨ ଥର ନିର୍ବାଚନରେ ପରାସ୍ତ କରିଥିଲା। ପଣ୍ଡିତ ନେହରୁ ତାଙ୍କ ବିରୋଧରେ ପ୍ରଚାର କରିଥିଲେ। ତାଙ୍କ ପରାଜୟକୁ ଗୋଟିଏ ସମ୍ମାନସ୍ପଦ ପ୍ରସଙ୍ଗରେ ପରିଣତ କରିଥିଲେ। ଆମ୍ବେଦକରଙ୍କୁ ଭାରତ ରତ୍ନ ଦେବାକୁ ମନା କରି ଦେଇଥିଲେ। ସଂସଦର ସେଣ୍ଟ୍ରାଲ ହଲ୍‌ରେ ତାଙ୍କ ସମ୍ମାନରେ ଛବିକୁ ସ୍ଥାନ ଦେଇ ନଥିଲେ।” ୧୯୫୨ ମସିହା ଲୋକସଭା ନିର୍ବାଚନରେ ଆମ୍ବେଦକର କଂଗ୍ରେସ ପ୍ରାର୍ଥୀ ନାରାୟଣ ସାଡୋବା କାଜ୍ରୋଲକରଙ୍କ ଠାରୁ ବମ୍ବେ(ଉତ୍ତର)ରୁ ପରାସ୍ତ ହୋଇଥିଲେ। ୧୯୫୪ ଉପ ନିର୍ବାଚନରେ ଆମ୍ବେଦକର ଭଣ୍ଡାରା ଠାରୁ ସେ ଲଢ଼ିଥିଲେ ହେଁ ତାଙ୍କୁ କଂଗ୍ରେସର ଭାଉରାଓ ବୋରକର ହରାଇ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦି ଅଭିଯୋଗ କରିଛନ୍ତି ଯେ ଅନୁସୂଚିତ ଜାତି/ଜନଜାତି ବିରୋଧରେ ହୋଇଥିବା ସବୁଠାରୁ ଭୟଙ୍କର ନରସଂହାର କଂଗ୍ରେସ ଅମଳରେ ଘଟିଥିଲା। ସେମାନେ ଦୀର୍ଘ ବର୍ଷ ଧରି କ୍ଷମତାରେ ରହିଥିଲେ। କିନ୍ତୁ ଅନୁସୂଚିତ ଜାତି/ଜନଜାତିଙ୍କ ସଶକ୍ତିକରଣ ପାଇଁ କୌଣସି ପଦକ୍ଷେପ ନେଇ ନାହାନ୍ତି। ଆମ୍ବେଦକର ରଖିଥିବା ଲକ୍ଷ୍ୟକୁ ପୂରଣ କରିବା ପାଇଁ ବିଜେପି ସରକାର ନେଇଥିବା ଅନେକ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ମଧ୍ୟ ମୋଦି ସମସ୍ତଙ୍କୁ ଜଣାଇଛନ୍ତି। ଗୋଟିଏ ଦଶନ୍ଧି ମଧ୍ୟରେ ବିଜେପି ସରକାର ୨୫ କୋଟି ଲୋକଙ୍କୁ ଗରିବ ରେଖାରୁ ବାହାର କରିଥିବା ବେଳେ ଏସ୍‌ସି/ଏସଟି ଆଇନକୁ ମଜଭୁତ କରିଥିବା ମୋଦି କହିଛନ୍ତି। ରାଜ୍ୟସଭାରେ ଅମିତ ଶାହ ଦେଇଥିବା ବୟାନ ସପକ୍ଷରେ ଓକିଲାତି କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଭାଷଣରେ ଚକିତ ଓ ଆଶ୍ଚର୍ଯ୍ୟ ହୋଇଥିବା କଂଗ୍ରେସ ଏବେ କେବଳ ନାଟକ କରୁଛି। ରାଜ୍ୟସଭାରେ ସମ୍ବିଧାନ ଉପରେ ବିତର୍କ ଚାଲିଥିଲା। ଏହି ସମୟରେ କଂଗ୍ରେସକୁ ଟାର୍ଗେଟ କରି ଅମିତ ଶାହ କହିଥିଲେ ଯେ “ ଆମ୍ବେଦକର, ଆମ୍ବେଦକର, ଆମ୍ବେଦକର କହିବା ଏବେ ଗୋଟିଏ ଫ୍ୟାଶନ ହୋଇଗଲାଣି। ଯଦି ଏତିକି ଥର ଭଗବାନଙ୍କ ନାଁ ନେଇଥାଆନ୍ତେ, ତା’ହେଲେ ସାତ ଜନ୍ମ ଯାଏ ସ୍ୱର୍ଗ ମିଳି ସାରନ୍ତାଣି।” ଶାହ ଏପରି ବୟାନ ଦେଇ ଆମ୍ବେଦକରଙ୍କୁ ଅପମାନିତ କରିଥିବା କଂଗ୍ରେସ ଅଭିଯୋଗ କରିଛି। ଏଥିପାଇଁ ଦଳ ତାଙ୍କର ଇସ୍ତଫା ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିଛି।

### ବୈଷ୍ଣବ ଚରଣ ...

ବିଶ୍ୱବିଦ୍ୟାଳୟରୁ ଚାକିରି ଜୀବନ ଆରମ୍ଭ କରି, ୨୦୦୪ ମସିହାରେ ‘ବିଶ୍ୱଭାରତୀ’ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ପ୍ରଫେସର ଭାବରେ ସେବା ନିବୃତ୍ତ ହୋଇଛନ୍ତି। ଓଡ଼ିଆ ସାହିତ୍ୟ ପ୍ରତି ଉଲ୍ଲେଖନୀୟ ଅବଦାନ ନିମନ୍ତେ ସାହିତ୍ୟିକ ବୈଷ୍ଣବ ଚରଣ ସାମଲ ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ୨୦୦୨ ମସିହାରେ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏହାପରେ ୨୦୧୭ ମସିହାରେ ବିଷୁବ ପୁରସ୍କାର, ୨୦୧୪ ମସିହାରେ ସାରଳା ସମ୍ମାନରେ ସେ ସମ୍ମାନିତ ହୋଇଥିଲେ। ଏହାବାଦ ତାଙ୍କୁ ଗୋପୀନାଥ ନନ୍ଦ ପ୍ରବନ୍ଧ ଓ ସମାଲୋଚନା ସମ୍ମାନ ଓ କ୍ଷେତ୍ରବାସୀ ସାହିତ୍ୟ ବିଦ୍ୟା ପୁରସ୍କାର ସମ୍ମାନ ମଧ୍ୟ ପ୍ରଦାନ କରାଯାଇଛି।

### ମାଲ୍ୟା-ନୀରବଙ୍କ ଠାରୁ ହଜାର...

କେତେଟଙ୍କା ଜବତ ତାହାର ହିସାବ ଅନୁସାରେ ନ୍ୟାସନାଲ ସ୍ପଟ ଏକ୍ସଚେଞ୍ଜ ଲିମିଟେଡ୍ (ଏନଏସଇଏଲ) ଦୁର୍ନୀତି: ୭୦.୪୭କୋଟି ଟଙ୍କାର ସମ୍ପତ୍ତି ଜବତ ହୋଇଥିବା ବେଳେ ଏସଆରଏସ ଗ୍ରୁପ୍‌ର ୨୦.୧୫କୋଟି ଟଙ୍କାର ସମ୍ପତ୍ତି ଜବତ ହୋଇଛି। ରୋଜ୍ ଭ୍ୟାଲି ଦୁର୍ନୀତିରେ ୧୯.୧୬କୋଟି ଟଙ୍କାର ସମ୍ପତ୍ତି ଜବତ ହୋଇଥିବା ବେଳେ ସୂର୍ଯ୍ୟାଫାର୍ମାସୁଟିକାଲ ଲିମିଟେଡ୍: ୧୯.୪୦କୋଟି ଟଙ୍କାର ସମ୍ପତ୍ତି, ମେହୁଲ ଚୋକସି ମାମଲା: ୨୫୬୫ କୋଟି ଟଙ୍କାର ସମ୍ପତ୍ତି ନିଲାମ କରାଯାଇଛି। ସୀତାରମଣ କହିଛନ୍ତି, ୨୦୧୫ରେ ଲାଗୁ ହୋଇଥିବା ବ୍ଲାକମନି ଆକ୍ଟ ଟ୍ୟାକ୍ସପେୟାରଙ୍କ ଉପରେ ବଡ଼ ପ୍ରଭାବ ପକାଇଥିଲା। ଏହା ଅଧିନରେ ୨୦୨୪-୨୫ରେ ୨ଲକ୍ଷ କରଦାତାଙ୍କ ବିଦେଶ ସମ୍ପତ୍ତିର ଖୁଲାସା କରାଯାଇଥିଲା। ଯେତେବେଳେ କି, ୨୦୨୧-୨୨ରେ ଏପରି କରଦାତା ୬୦ହଜାର ୪୬୭ରହିଥିଲା। ଜୁନ ୨୦୨୪ ଏହିଆଇନ ଅଧିନରେ ୬୯୭ ମାମଲାରେ ୧୭ହଜାର ୫୨୦କୋଟି ଟଙ୍କା ଜବତ କରାଯାଇଥିଲାବେଳେ ମୋଟ ୧୬୩ ମାମଲା ରୁଜୁ କରାଯାଇଥିଲା।

### ସାଂସଦ-ବିଧାୟକଙ୍କ...

ସମୀକ୍ଷା କରିବେ । ଯେଉଁ ସବୁ ଚିଠି ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତାହା ମଧ୍ୟ ସାଧାରଣ ପ୍ରଶାସନ ବିଭାଗକୁ ଏକ ସ୍ୱତନ୍ତ୍ର ରିପୋର୍ଟ ମାଧ୍ୟମରେ ବିଭାଗଗୁଡ଼ିକ ଜଣାଇବେ । ଯଦି ବୁକ ସର୍କୁଲାର-୪୭ ଉଲ୍ଲଘଂନ ହୋଇଥିବାର କୌଣସି ପ୍ରମାଣ ମିଳେ ତା’ହେଲେ ସମ୍ପୃକ୍ତ ଅଫିସରଙ୍କ ବିରୁଦ୍ଧରେ ଏହି ବୁକ ସର୍କୁଲାରର ରୁଲ-୧୨ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।

### ଗେଟୱେ ଅଫ୍ ...

୧୦ ଜଣ ସାଧାରଣ ନାଗରିକ ଏବଂ ୩ ଜଣ ନୌସେନା କର୍ମଚାରୀ ରହିଛନ୍ତି। ଗୁରୁତର ଭାବେ ଆହତ ହୋଇଥିବା ଦୁଇ ଜଣଙ୍କୁ ଚିକିତ୍ସା ଲାଗି ନୌସେନା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ନୌସେନା, ତଟରକ୍ଷୀ ବାହିନୀ ଏବଂ ପୁଲିସ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। ଗୁରୁବାର ସକାଳେ ନିଖୋଜ ଥିବା ଲୋକଙ୍କ ସମ୍ପର୍କରେ ଚୂଡ଼ାନ୍ତ ସୂଚନା ଉପଲବ୍ଧ ହେବ।


**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
OSIC GST No. 21AAACO2101M1Z1
CAD-1935

**e-Procurement Notice for Building works**

Tender Notice No.3678 Date: 13.12.2024
Identification No. On line Building OSIC/Constn./2024-25/014

(A) 1. Name of the work
a. Construction of Operation-cum-Security room for new automatic gate at P.P. Unit main gate.
b. Installation of air tight UPVC window at the backside of the main building.
c. Installation of air tight UPVC window in the Administrative Main Building.
2. Total No of works : 01 No.
3. Estimated cost : Rs.11,28,453/- (approx.)
4. Class of Contractor : i) D & C class as per eligibility criteria online
5. Period of completion : i) Three calendar months.

(B) Other details

| Procurement on line | Bid Identification No | Availability of tender on-line for bidding | | Date & time of opening of Tender in O/O MD OSIC Ltd. Cuttack |
|---|---|---|---|---|
| | | From | To | |
| M.D., OSIC Ltd., Cuttack. | 014 of 2024-25 | 20.12.2024 | 09.01.2025 | 10.01.2025 at 11.00A.M |

Further details can be seen from the website www.tendersodisha.gov.in / www.osicltd.in
Any amendment corrigendum, cancellation or re-tender may please be referred to the website.

Sd/-
General Manager (O)
OSIC Ltd., Cuttack.
OIPR-14073/11/0022/2425


# ଇମ୍ଫା-ଜେଏସ୍‌ଡବ୍ଲୁ ଗ୍ରିନ୍ ଏନର୍ଜି ବୁଝାମଣା
# ସୌର, ପବନ ଶକ୍ତିରେ ନିବେଶ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ଇଣ୍ଡିଆନ୍ ମେଟାଲ୍‌ସ ଆଣ୍ଡ୍ ଫେରୋ ଆଲୟଜ୍ ଲିମିଟେଡ୍ (ଇମ୍ଫା) ଏହାର ସ୍ମେଲଟର ଲାଗି ଅକ୍ଷୟ ଶକ୍ତି ସଂଗ୍ରହ କରିବା ନିମନ୍ତେ ଜେଏସ୍‌ଡବ୍ଲୁ ଏନର୍ଜି ସହ ଏକ ଯୌଥ ଉଦ୍ୟୋଗ ଘୋଷଣା କରିଛି। ଇମ୍ଫା ପକ୍ଷରୁ ଜେଏସ୍‌ଡବ୍ଲୁ ଗ୍ରିନ୍ ଏନର୍ଜି ଓ୍ୱାନ୍ ଲିମିଟେଡ୍ ଓ ଜେଏସ୍‌ଡବ୍ଲୁ ଗ୍ରିନ୍ ଏନର୍ଜି ସେଭେନ୍ ଲିମିଟେଡ୍ ସହିତ ରାଜିନାମା ସ୍ୱାକ୍ଷର କରାଯାଇଛି। ଏହା ୫୦ ମେଗାୱାଟ୍‌ର ସୋଲାର ଓ ୧୦୦ ମେଗାୱାଟ୍‌ର ପବନ ଶକ୍ତି, ମୋଟ ଚୁକ୍ତି ଅଧାରିକ କ୍ଷମତା ୭୦ ମେଗାୱାଟ୍ ପ୍ରକଳ୍ପରେ ୮୩.୨୬ କୋଟି ଟଙ୍କା ନିବେଶ କରିବ। ଏଥି ସହିତ ଇମ୍ଫା ପକ୍ଷରୁ ନିଜସ୍ୱ ବ୍ୟବହାର ଲାଗି ୨୫ ବର୍ଷିଆ ଅବଧିର ଏକ ବିଦ୍ୟୁତ୍ ଶକ୍ତି କ୍ରୟ ରାଜିନାମା ସ୍ୱାକ୍ଷର କରାଯିବ। ଇମ୍ଫା ପକ୍ଷରୁ ଯାଜପୁରର କଳିଙ୍ଗନଗର ଠାରେ ବାର୍ଷିକ ୧,୦୦,୦୦୦ ଟନ୍ କ୍ଷମତା ବିଶିଷ୍ଟ ଏକ ନୂଆ କାରଖାନା ସ୍ଥାପନ କରାଯାଉଛି। ଏହା କମ୍ପାନୀର ଫେରୋକ୍ରୋମ୍ ଉତ୍ପାଦନ କ୍ଷମତାକୁ ବଢ଼ାଇବ। ଏହି ରାଜିନାମା ସମ୍ପର୍କରେ କମ୍ପାନୀର ଭାଇସ ପ୍ରେସିଡେଣ୍ଟ ତଥା ହେଡ୍ - ପାୱାର ବିଜନେସ ୟୁନିଟ୍ ବିନୟ ଅଗ୍ରୱାଲ୍ କହିଛନ୍ତି ଯେ କାର୍ବନ ଫୁଟ୍‌ପ୍ରିଣ୍ଟ କମ୍ କରିବା ଲାଗି ଅକ୍ଷୟ ଶକ୍ତି ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ସୌର ଓ ପବନ ଶକ୍ତିର ମିଶ୍ରଣ ସହ ଆମେ ଏକ ସବୁଜ ଭବିଷ୍ୟତ ଆଡ଼କୁ ଅଗ୍ରସର ହେଉଛୁ ବୋଲି ସେ କହିଛନ୍ତି।

# ପୂର୍ବତଟ ରେଳପଥ ମୁଖ୍ୟାଳୟରେ ମାଗଣା ସ୍ୱାସ୍ଥ୍ୟ ଯାଞ୍ଚ ଶିବିର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଭୁବନେଶ୍ୱରର ପୂର୍ବତଟ ରେଳପଥ ମୁଖ୍ୟାଳୟ, ରେଳ ସଦନ ଠାରେ ହାଇ-ଟେକ୍ ମେଡିକାଲ ଦ୍ୱାରା ଆୟୋଜିତ ଏକ ମାଗଣା ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ଅନୁଷ୍ଠିତ ହୋଇଯାଇଅଛି। ରେଳ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା ଲକ୍ଷ୍ୟରେ ଏହି ଶିବିରକୁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଉଦ୍‌ଘାଟନ କରିଥିଲେ। ଏହି ପଦକ୍ଷେପ ମୁଖ୍ୟାଳୟର କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦିଆଯାଇ ଥିଲା। ସାଧାରଣ ସ୍ୱାସ୍ଥ୍ୟ ମୂଲ୍ୟାଙ୍କନ, ରକ୍ତଚାପ ମନିଟରିଂ ଏବଂ ଅନ୍ୟାନ୍ୟ ଜରୁରୀ ନିରାକରଣ ସେବା ସହିତ ଏହି ଶିବିରରେ ବିଭିନ୍ନ ପ୍ରକାରର ଡାକ୍ତରୀ ଯାଞ୍ଚ ପ୍ରଦାନ କରାଯାଇଥିଲା, ଯାହା ଦ୍ୱାରା କର୍ମଚାରୀମାନେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇପାରିବେ। ଏହି କାର୍ଯ୍ୟକ୍ରମ ପୂର୍ବତଟ ରେଳପଥର କର୍ମଚାରୀମାନଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧତାକୁ ସୂଚିତ କରୁଛି।

# ସେଞ୍ଚୁରିୟାନ ବିଶ୍ୱବିଦ୍ୟାଳୟରେ ରକ୍ତ ଦାନ ଶିବିର



**ଗଜପତି, ନ୍ୟୁଜ୍‌ବ୍ୟୁରୋ**

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଉପକଣ୍ଠରେ ଥିବା ସେଞ୍ଚୁରିୟାନ ବିଶ୍ୱ ବିଦ୍ୟାଳୟର ଟେକ୍ନୋଲୋଜି ଏଣ୍ଡ ମେନେଜମେଣ୍ଟ ପରିସରରେ ଏନଏସ୍‌ଏସ୍ ୟୁନିଟ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରିବନ କାଟି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ, ଉପ ଜିଲ୍ଲାପାଳ କମଳକାନ୍ତ ପଣ୍ଡା, ଚିକିତ୍ସା ଅଧିକାରୀ ଡକ୍ଟର ସବନା ପାର୍ବୀନ୍, ସିୟୁଟିଏମ୍‌ର ଉପକୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ, ରେଜିଷ୍ଟ୍ରରର ପ୍ରଫେସର ଅନିତା ପାତ୍ର, ପ୍ରଶାସନ ନିର୍ଦ୍ଦେଶକ ପ୍ରଫେସର ଦୁର୍ଗା ପ୍ରସାଦ ପାଢ଼ୀ, ପ୍ରଶାସନ ଡୀନ୍ ପ୍ରଫେସର ଏସ୍.ପି. ନନ୍ଦା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ସମାଜର ସେବା କରିବା ଓ ଛାତ୍ରଛାତ୍ରୀ ଶିକ୍ଷକମାନଙ୍କ ମଧ୍ୟରେ ସେବା ଭାବ, ସାମାଜିକ ଦାୟିତ୍ୱ ବୃଦ୍ଧି କରିବା ହିଁ ଏହାର ମୁଖ୍ୟ ଲକ୍ଷ୍ୟ ଥିଲା। ଛାତ୍ର ଅଧ୍ୟାପକ ଓ କର୍ମଚାରୀମାନେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଇଣ୍ଡିଆନ ରେଡ୍‌କ୍ରସ୍ ସୋସାଇଟିର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୭୦ ୟୁନିଟ୍‌ରୁ ଅଧିକ ରକ୍ତ ସଂଗୃହୀତ ହୋଇ ଥିଲା।

# ଟିପିସିଓଡିଏଲ୍ ପକ୍ଷରୁ ଗୁଣବତ୍ତା ମାସ ପାଳିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁ ଗୁଣବତ୍ତା ମାସ-୨୦୨୪ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ରହିଥିଲା ‘କ୍ୱାଲିଟି: ଫ୍ରମ୍ କମ୍ପ୍ଲାଏନ୍‌ସ ଟୁ ପରଫରମାନ୍ସ’। ମାସେ ବ୍ୟାପୀ ଚାଲିଥିବା ଏହି ଅଭିଯାନରେ ପ୍ରକ୍ରିୟା ଉତ୍କର୍ଷ, ନିରନ୍ତର ଉନ୍ନତି, ଉନ୍ନତ କର୍ମକ୍ଷେତ୍ର ପରିଚାଳନା ଓ ଦକ୍ଷତା ଗଠନ ଉପରେ ଗୁରୁତ୍ୱାରୋପ କରଯାଇଥିଲା। ଏହି କ୍ଷେତ୍ରରେ ପ୍ରମୁଖ ସଫଳତାଗୁଡ଼ିକ ମଧ୍ୟରେ ଦୈନିକ ପରିଚାଳନା ପାଇଁ ଟିକ୍ୟୁଏମ୍ ଓ୍ୱାର୍କବୁକର ଶୁଭାରମ୍ଭ, କ୍ୱାଲିଟି ସର୍କଲ ଗଠନ, ୫ଏସ ମେଡଲ୍ ଲୋକେସନ (ସ୍ଥାନ) ଚିହ୍ନଟ ଓ ବାର୍ଷିକ କ୍ୟୁସିସି ଓ ପ୍ରୟାସ ପ୍ରତିଯୋଗିତାରେ ୭୨ ପ୍ରୟାସ ଓ ୧୪ କ୍ୟୁସିସି ଟିମ୍ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱରର ମ୍ୟାନେଜମେଣ୍ଟ ଡେଭଲପେମଣ୍ଟ ସେଣ୍ଟରର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ସିଇଓ ତଥା ଟିକ୍ୟୁଏମ୍ କୋର୍ କମିଟିର ଅଧ୍ୟକ୍ଷ ଅରବିନ୍ଦ ସିଂହ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶ୍ରୀ ସିଂହ କହିଛନ୍ତି, ‘ଟିପିସିଓଡିଏଲରେ ଟିକ୍ୟୁଏମ୍ ହେଉଛି ଆମ ପ୍ରକ୍ରିୟାକୁ ମାର୍ଜିତ କରିବା ସହ ଗ୍ରାହକଙ୍କ ଉଦୀୟମାନ ଆବଶ୍ୟକତା ପୂରଣ କରିବା ଏବଂ ମାଲିକାନା ତଥା ନିରନ୍ତର ଶିକ୍ଷଣର ଏକ ସଂସ୍କୃତିକୁ ଦୃଢ଼ କରିବା ଲାଗି ଆମ ଉଦ୍ୟମର ଏକ ମୂଳଦୁଆ।’ ଏହି କାର୍ଯ୍ୟକ୍ରମ ଗୁଣବତ୍ତା ମାସ ଅଭିଯାନର ବିଜେତା ମାନଙ୍କୁ ସମ୍ମାନିତ କରାଯିବା ସହ ଟିପିସିଓଡିଏଲର ଗୁଣବତ୍ତା ଯାତ୍ରାରେ ଅଂଶଗ୍ରହଣକାରୀଙ୍କୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା।

# ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୧୦୮ ଫୁଟ ଉଚ୍ଚତାରେ ଉଡ଼ିଲା ଜାତୀୟ ପତାକା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରଶାସନିକ ଭବନ ଆଗରେ ବୁଧବାର ୧୦୮ ଫୁଟ ଉଚ୍ଚତାର ଖମ୍ବ ଉପରେ ୨୫ ଫୁଟ ଲମ୍ବ ଓ ୨୪ ଫୁଟ ଓସାରର ଜାତୀୟ ପତାକା ଉତ୍ତୋଳନ କରାଯାଇଛି। ଫ୍ଲାଗ ଇଣ୍ଡିଆ ପ୍ରତିଷ୍ଠାନର ପ୍ରୋତ୍ସାହନରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଏହାକୁ ଆୟୋଜନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢୀ, ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମସ୍ତ ପ୍ରୋଟୋକଲ ଅନୁଯାଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

ଏହା ପରେ ଅଡିଟୋରିୟମରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ମା’ ରମାଦେବୀ ସମଗ୍ର ଦେଶରେ ପରିଚିତ ଏବଂ ସମସ୍ତେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଉଚିତ। ମାତୃଶକ୍ତି ଚିରବନ୍ଦନୀୟା। ଏହି ପରିପ୍ରେକ୍ଷୀରେ ସେ ରାମାୟଣର ମାତା ସୀତାଙ୍କ କଥା ଉଲ୍ଲେଖ କରିଥିଲେ।

ଅନ୍ୟତମ ସମ୍ମାନିତ ଅତିଥି ବାଚସ୍ପତି ସୁରମା ପାଢୀ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଛାତ୍ରୀ ଭାବେ ଗର୍ବ ଅନୁଭବ କରନ୍ତି ବୋଲି କହିବା ସହ ବୁଧବାର ବିଶ୍ୱବିଦ୍ୟାଳୟ ପରିସରରେ ଜାତୀୟ ପତାକା ଆରୋହଣ ବର୍ଷତମାମ୍ ଛାତ୍ରୀମାନଙ୍କ ମଧ୍ୟରେ ଜାତୀୟତାବାଦ ଉଦ୍ରେକ କରିବ ବୋଲି କହିଥିଲେ ।


e-mail ID: rw_rayagada@yahoo.co.in
O-904
**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION: RAYAGADA**

No 4320 // Date: 18.12.2024

**1st Corrigendum**

In continuation to this office Bid identification No. EERWRGD-Online-04/2024-25 invited vide this office letter No. 4005 dated 04.12.2024 partial modification of TCN has been made as follows.

| Sl No. | Item | Time Schedule as per Original TCN | Time schedule as per corrigendum notice |
|---|---|---|---|
| 1 | Availability of tender online for bidding | 11.12.2024 at 11.00 AM to 20.12.2024 upto 5.00 PM | 21.12.2024 at 11.00 AM to 31.12.2024 upto 5.00 PM |
| 2 | Date & Time of opening of tender | 20.12.2024 at 5.30 PM | 31.12.2024 at 5.30 PM |

All other terms and conditions remain unchanged.

Yours faithfully
Sd/- Executive Engineer
Rural Works Division, Rayagada
OIPR-25072/11/0008/2425



**NOTIFIED AREA COUNCIL, KHALLIKOTE, GANJAM**
E-Mail: nackhallikote@gmail.com Pin No.- 761030 Tele: 06810 256333(O)

Letter No. 2690 Date: 16.12.2024

**QUOTATION CALL NOTICE**
C-1280

Sealed quotations are invited for collection of Bus Stand parking fees for the period of one year i.e. 10.01.2025 to 09.01.2026 from the interested firms / person / NGO / subject to fulfillment of the terms and conditions. The quotation call paper / tender schedule paper for collecting Bus Stand parking fees details of documents required with terms and conditions shall be available in the office of the undersigned during office hours on working days from 18.12.2024 to 08.01.2025. The lease schedule should be provide on payment as mentioned below. The last date of submission of tender schedule is dated 08.01.2025 up to 12.30 P.M. The lease document will be opened on 08.01.2025 at 02.30 P.M. all the lease shall quote their rate inclusive of all taxes etc. complete in the lease schedule and submit the same in the sealed cover within the stipulated date and time. Postal delay beyond the date and time shall not be considerable. The lease should submit the documents along with 50% of the quoted price in shape of DD with 1% of EMD @Rs. 3,945/- which is refundable in favour of Executive Officer NAC, Khallikote payable at Khallikote. After selection the highest bidder should have to pay rest 50% of the total bid amount within 2 months of opening of lease failing which the next lower bidder shall be given preference. The Authority reserves all the right to accept or cancel any or all quotation without assigning any reason thereof.

| Sl. No. | Name of the Quotation | Offset Price | Paper Cost |
|---|---|---|---|
| 1 | Bus Stand Parking Fee | Rs. 3,94,499/- | Rs. 2,000/- |

Sd/- Executive Officer
NAC,Khallikote
OIPR-13110/11/0004/2425



CAD-1914
CDA
**କଟକ ଉନ୍ନୟନ କର୍ତ୍ତୃପକ୍ଷ**
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨

**ସୂଚନା**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-10 ରେ ପ୍ଲଟ୍ ନଂ-10-1C/547 ଟିକୁ ଶ୍ରୀ ଦେବାଶିଷ ରାଉତ, ପିତା-୰ଭଗବାନ ରାଉତ, ସା-ସାନବଢ଼, ପୋ-ଗୋପାଳପୁର, ଥା-ରାଜନଗର, ଜିଲ୍ଲା-କେନ୍ଦ୍ରାପଡ଼ାଙ୍କୁ ରକ୍ତଗତ ସମ୍ପର୍କ ଆଧାରରେ ଆବଣ୍ଟନ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ତାଙ୍କ କନିଷ୍ଠ ଭ୍ରାତା ଶ୍ରୀ ଶୁଭାଶିଷ ରାଉତଙ୍କ ନାମ ଉକ୍ତ ପ୍ଲଟ୍‌ର ସହ-ଆବଣ୍ଟନଗ୍ରାହୀ (Co-allottee) ଭାବେ ଅନ୍ତର୍ଭୁକ୍ତ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଦେବାଶିଷ ରାଉତ ଉକ୍ତ ପ୍ଲଟ୍ ସହିତ ଗୃହଟିରେ ତାଙ୍କର 50% ଭାଗକୁ (Co-share)କୁ ରକ୍ତଗତ ସମ୍ପର୍କ ଆଧାରରେ ତାଙ୍କ କନିଷ୍ଠ ଭ୍ରାତା ସହ-ଆବଣ୍ଟନଗ୍ରାହୀ ଶ୍ରୀ ଶୁଭାଶିଷ ରାଉତ, ପିତା-୰ ଭଗବାନ ରାଉତ, ସା-ସାନବଢ଼, ପୋ-ଗୋପାଳପୁର, ଥା-ରାଜନଗର, ଜିଲ୍ଲା-କେନ୍ଦ୍ରାପଡ଼ାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ୍ ସହିତ ଗୃହଟିରେ ଶ୍ରୀ ଦେବଶିଷ ରାଉତଙ୍କ 50% ଭାଗର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR-13037/11/0126/2425
ସ୍ୱା/- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ୍)

ଭୁବନେଶ୍ୱର
୧୯ ଡିସେମ୍ବର
ଗୁରୁବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/25-27

### ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା

# ଥାଳି ଥୋଇ ମାଡ଼ି ବସିଛନ୍ତି ଜାଗା, ଆଦାୟ କରୁଛନ୍ତି ଟଙ୍କା

**ପୁରୀ, ୧୮/୧୨ ନ୍ୟୁଜ ବ୍ୟୁରୋ**



ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକୁ କାଣିଚାଏ ପାଳନ କରୁନି ଶ୍ରୀମନ୍ଦିର ପ୍ରଶାସନ । ଶ୍ରୀମନ୍ଦିର ପରିସରରେ ଯିଏ ଯେଉଁଠି ପାରୁଛି ଥାଳି ଥୋଇ ଟଙ୍କା ଆଦାୟ କରୁଛି । ଶ୍ରୀମନ୍ଦିର ପରିସରରେ ମନଇଛା ଥାଳି ଥୋଇ ଟଙ୍କା ଆଦାୟ କରିବାକୁ ବନ୍ଦ କରିବା ପାଇଁ ସୁପ୍ରିମ୍‌କୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ରହିଛି । ୨୦୧୯ ନଭେମ୍ବର ୪ରେ ଶ୍ରୀମନ୍ଦିରରେ ବିଭିନ୍ନ ଶୃଙ୍ଖଳା ଓ ସଂସ୍କାର ଆଣିବା ନିମନ୍ତେ ପ୍ରାୟ ୨୨ଟି ନିର୍ଦ୍ଦେଶ ପାଳନ କରିବାକୁ କୁହାଯାଇଥିଲା । ହେଲେ ଏହାକୁ ପାଳନ କରିବାକୁ ନା ସରକାର ଦୃଷ୍ଟି ଦେଉଛନ୍ତି ନା ଶ୍ରୀମନ୍ଦିର ପ୍ରଶାସନ । ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପାଳନ ଏବଂ ଥାଳି ଥୋଇ ଟଙ୍କା ଆଦାୟ ବନ୍ଦ କରିବା ନେଇ ଜଣେ ଆଇନଜୀବୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଶ୍ରୀମନ୍ଦିରରେ ଥାଳି ଥୋଇ ଟଙ୍କାର ଆଦାୟ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଅତୀତରେ ଶ୍ରୀମନ୍ଦିର ପରିଚାଳନା କମିଟିରେ ନିଷ୍ପତ୍ତି ହୋଇଥିଲା । ଥାଳି ରହୁଥିବା ସ୍ଥାନରେ ମହାପ୍ରଭୁଙ୍କ ଦାନ ହୁଣ୍ଡି ସ୍ଥାପନ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା । ମାତ୍ର ଭିତିରି ମଧୁଚନ୍ଦ୍ରିକା ଯୋଗୁ ନିଷ୍ପତ୍ତି ଏପର୍ଯ୍ୟନ୍ତ ପାଳନ ହେଲାନାହିଁ । ଅଭିଯୋଗରେ ଉଲ୍ଲେଖ କରାଯାଇଛି ଯେ, ଶ୍ରୀଜଗନ୍ନାଥ ମନ୍ଦିର ଗରୁଡ଼ ସ୍ତମ୍ଭ ସମ୍ମୁଖରେ ନିୟମିତ ବିରାଟ ଥାଳି ଥୋଇ ନାଟମଣ୍ଡପ ଜାଗା ମାଡ଼ି ବସିଛନ୍ତି କିଛି ସେବାୟତ । ଥାଳି ଥୋଇ ଭକ୍ତଙ୍କଠାରୁ ଟଙ୍କା ଆଦାୟ କରାଯାଉଛି । ମହାପ୍ରଭୁଙ୍କ ନିକଟକୁ ଦାନ ଅର୍ଥ ଯାଉଥିବା ଭାବି ଏହି ଥାଳିରେ ଭକ୍ତମାନେ ଟଙ୍କା ପକାଉଛନ୍ତି । ମାତ୍ର ଅସଲରେ ଏହି ସମସ୍ତ ଟଙ୍କାକୁ କିଛି ସେବାୟତ ନେଉଛନ୍ତି । ଗହଳି ଦିନମାନଙ୍କରେ ଏହି ଥାଳିରେ ଟଙ୍କା ପକାଇବାକୁ କିଛି ସେବାୟତ ଭକ୍ତଙ୍କୁ ବାଧ୍ୟ କରୁଛନ୍ତି । ସକାଳ ମଙ୍ଗଳଆଳତି ପରଠାରୁ ରାତ୍ର ପହୁଡ଼ ପର୍ଯ୍ୟନ୍ତ ଏହି ଥାଳିରେ ଭକ୍ତମାନେ ହଜାର ହଜାର ଟଙ୍କା ପକାଉଛନ୍ତି । ଫଳରେ ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରଶାସନ ସ୍ଥାପନ କରିଥିବା ହୁଣ୍ଡିରେ ଦାନ ଅର୍ଥ ପରିମାଣ କମୁଛି । ଏହି ଥାଳି ଗରୁଡ଼ ସ୍ତମ୍ଭ ନିକଟରେ ଥୁଆଯିବା ଦ୍ୱାରା ଶ୍ରଦ୍ଧାଳୁଙ୍କ ଯାତାୟାତରେ ସମସ୍ୟା ମଧ୍ୟ ହେଉଛି । ଶ୍ରଦ୍ଧାଳୁଙ୍କ ଦର୍ଶନ ଶୃଙ୍ଖଳା ନିମନ୍ତେ ଏହି ଥାଳି ଥୋଇ ଟଙ୍କା ଆଦାୟ ବନ୍ଦ କରାଯାଉ । କିଛି ଅଧିକାରୀ ଓ ସେବାୟତଙ୍କ ଭିତରେ ମଧୁଚନ୍ଦ୍ରିକାରୁ ଥାଳି ହଟାଯିବାକୁ ପଦକ୍ଷେପ ନିଆଯାଉନାହିଁ । ଥାଳି ରଖାଯିବା ଦ୍ୱାରା ଗହଳି ଦିନମାନଙ୍କରେ ଗରୁଡ଼ସ୍ତମ୍ଭଠାରୁ ଭକ୍ତମାନେ ଜଗା ଦର୍ଶନରେ ସବୁଠାରୁ ବେଶି ଅସୁବିଧା ଭୋଗୁଛନ୍ତି । ଏହି ଅଭିଯୋଗର ତଦନ୍ତ କରି ଉଚିତ୍ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲ୍ଲାପାଳଙ୍କ ନିକଟରେ ଦାବି ହୋଇଛି ।

# ୧୨୬୮ ପରୀକ୍ଷା କେନ୍ଦ୍ରରେ ହେବ ଯୁକ୍ତ ଦୁଇ ପରୀକ୍ଷା

**ଭୁବନେଶ୍ୱର, ୧୮।୧୨ ନ୍ୟୁଜ ବ୍ୟୁରୋ**




ଫେବୃୟାରୀ ୧୮ ରୁ ଆରମ୍ଭ ହେବ ଯୁକ୍ତ ଦୁଇ ପରୀକ୍ଷା । ରାଜ୍ୟର ୧୨୬୮ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେବ ପରୀକ୍ଷା । ୮ଟି ଉପ କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହେବ । ଏ ନେଇ ସିଏଚଏଇ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି । ୪୮୫ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଧ୍ୟ ଯୁକ୍ତ ଦୁଇ ପରୀକ୍ଷା ଅନୁଷ୍ଠିତ ହେବ । ମାର୍ଚ୍ଚ ୨୭ ଯାଏ ଚାଲିବ ଯୁକ୍ତ ଦୁଇ ପରୀକ୍ଷା । ପୂର୍ବାହ୍ନ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ଗୋଟାଏରେ ଶେଷ ହେବ । ଏ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଯୁକ୍ତ ୨ କଳା, ବାଣିଜ୍ୟ, ବିଜ୍ଞାନ, ଧନ୍ଦାମୂଳକ ଓ ପତ୍ରବିନିମୟ ପରୀକ୍ଷା ଅନୁଷ୍ଠିତ ହେବ । ଉଭୟ ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା ସୂଚୀ ପୂର୍ବରୁ ପ୍ରକାଶ ପାଇଛି । ୧୮ରୁ ବିଜ୍ଞାନ ବିଭାଗର ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ କଳା ଓ ବାଣିଜ୍ୟ ବିଭାଗ ପରୀକ୍ଷା ୧୯ରୁ ଏବଂ ଧନ୍ଦାମୂଳକ ପରୀକ୍ଷା ୨୦ରୁ ଆରମ୍ଭ ହେବ । ଜାନୁଆରୀ ୨ରୁ ୧୨ ଯାଏଁ ପ୍ରାକ୍ଟିକାଲ ପରୀକ୍ଷା ହେବ । ବିଜ୍ଞାନ ବିଭାଗ ପରୀକ୍ଷାର ପ୍ରଥମ ଦିନ ୧୮ ତାରିଖରେ ସାହିତ୍ୟ ପରୀକ୍ଷା ହେବ । ସେହିପରି ୧୯ରେ କଳା ଓ ବାଣିଜ୍ୟ ପରୀକ୍ଷାର୍ଥୀଙ୍କ ପାଇଁ ସାହିତ୍ୟ ପରୀକ୍ଷା କରାଯିବ ।

### ଜେଲ୍‌ରେ ସଜା କାଟୁଥିବା କଏଦୀଙ୍କ ପାଇଁ ଆଶ୍ୱସ୍ତି

# ୬୦ ଦିନରେ ମୁକୁଳିବେ ୬୦ କଏଦୀ



**ଭୁବନେଶ୍ୱର ୧୮/୧୨ ନ୍ୟୁଜ ବ୍ୟୁରୋ**

ବିଭିନ୍ନ ଜେଲ୍‌ରେ ସଜା କାଟୁଥିବା କଏଦୀଙ୍କ ପାଇଁ ଆଶ୍ୱସ୍ତିକର ସୂଚନା ମିଳିଛି । ଜେଲ୍ ବିଭାଗ ଆରମ୍ଭ କରିଛି ନୂଆ ଅଭିଯାନ ମୁକ୍ତି । ଏହି ଅଭିଯାନରେ ୬୦ ଦିନରେ ମୁକୁଳିବେ ୬୦ ଜଣ କଏଦୀ । ଏସଂପର୍କରେ ସୂଚନା ଦେଇଛନ୍ତି ଜେଲ୍ ଏଡିଜି ଅମିତାଭ ଠାକୁର । ଅଭିଯାନ 'ମୁକ୍ତି'ରେ କଏଦୀଙ୍କ ମୁକ୍ତିପାଇଁ କିଛି ନିୟମାବଳୀ ରହିଛି । ଯେଉଁ କଏଦୀ ମାନେ ସମସ୍ତ ନିୟମକୁ ମାନିଥିବେ ସେମାନେ ଜେଲ୍‌ରୁ ମୁକ୍ତି ପାଇବେ । ଦୋଷୀ ସାବ୍ୟସ୍ତ ହୋଇଥିବା କଏଦୀ ଓ ଯେଉଁମାନଙ୍କର ଶୁଣାଣି ଜାରି ରହିଛି ସେମାନେ ରହିପାରିବେ । ଦୋଷୀ ସାବ୍ୟସ୍ତ କଏଦୀଙ୍କୁ ୩ଟି ପର୍ଯ୍ୟାୟ ରହିଛି । ମୁକୁଳିବାକୁ ଥିବା କଏଦୀ ଅତିକମରେ ୧୪ ବର୍ଷ, ୨୦ ବର୍ଷ ଏବଂ ୨୫ ବର୍ଷ ସଜା କାଟିଥିବେ । ସେହିପରି ଯେଉଁମାନଙ୍କର ଶୁଣାଣି ଜାରି ରହିଛି ସେମାନଙ୍କ ପାଇଁ ମଧ୍ୟ ସମାନ ଭାବରେ ନିୟମ ରହିଛି । ଏଥି ସହ ସପୋର୍ଟ ଟୁ ପୋର ପ୍ରିଜନ ଅର୍ଥାତ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଥିବା କଏଦୀଙ୍କ ପାଇଁ ବ୍ୟବସ୍ଥା ମଧ୍ୟ କରାଯାଇଛି । ଅର୍ଥ ଅଭାବରୁ ଯେଉଁମାନଙ୍କର ବେଲ୍ ହୋଇଯାଇଥିଲେ ମଧ୍ୟ ଜେଲ୍‌ରୁ ମୁକୁଳିପାରୁନାହାନ୍ତି ସେମାନଙ୍କ ପାଇଁ ଏକ ଫଣ୍ଡ ବ୍ୟବସ୍ଥା କରାଯାଇଛି । ସେହି ଫଣ୍ଡର ଅର୍ଥରୁ ଏମାନେ ମୁକୁଳି ପାରିବେ । ମୁକ୍ତି ଅଭିଯାନରେ କଏଦୀମାନଙ୍କୁ ମୁକ୍ତ କରିବା ପୂର୍ବରୁ ସେମାନଙ୍କ ସମସ୍ତ ତଥ୍ୟ ସଂଗ୍ରହ କରାଯିବ । ଗାଁକୁ ଯାଇ ସରପଞ୍ଚଙ୍କ ସହ ଆଲୋଚନା କରାଯିବ । ଯେଉଁ ମାମଲାରେ ଏମାନେ ଜଡିତ ଥିବେ ଅଭିଯୋଗକାରୀଙ୍କ ଘର ଲୋକଙ୍କ ମଧ୍ୟ ମତ ନିଆଯିବା ପରେ କଏଦୀମାନଙ୍କୁ ଛଡାଯିବ । ମୁକ୍ତି ଅଭିଯାନ ସହ ଜେଲ୍ କର୍ମଚାରୀଙ୍କୁ ମୁକ୍ତି ଯୋଦ୍ଧା ଆୱାର୍ଡ ମିଳିବ । ମୁକ୍ତି ଅଭିଯାନ ପାଇଁ ହୋଇଥିବା କିଛି ନିୟମ ହେଉଛି କଏଦୀମାନଙ୍କ ଉତ୍ତମ ବ୍ୟବହାର, ଆଚରଣ, ଉଚ୍ଚାରଣରେ ସଂଯମତା, ନିଜକୁ ପରିବର୍ତ୍ତନ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ରଖିଥିବା ଇଚ୍ଛା ଏଭଳି କିଛି ନିୟମ ରହିଛି ବୋଲି ସେ ସୂଚନା ଦେଇଛନ୍ତି ।

### ମୁସଲିମ ସମୁଦାୟକୁ ନେଇ ବିବାଦୀୟ ଟିପ୍ପଣୀ ମାମଲା

# ସୁପ୍ରିମକୋର୍ଟଙ୍କ କଲେଜିୟମରେ ହାଜର ହେଲେ ଜଷ୍ଟିସ୍ ଶେଖର ଯାଦବ

**ନୂଆଦିଲ୍ଲୀ, ୧୮/୧୨**



ମୁସଲିମ ସମୁଦାୟକୁ ନେଇ ବିବାଦୀୟ ବୟାନ ଦେଇଥିବା ଆହ୍ଲାବାଦ ହାଇକୋର୍ଟର ବିଚାରପତି ଶେଖର କୁମାର ଯାଦବ ସୁପ୍ରିମକୋର୍ଟ କଲେଜିୟମରେ ହାଜର ହୋଇଛନ୍ତି । ସିଜେଆଇ ସଞ୍ଜୀବ ଖାନ୍ନା ଅଧ୍ୟକ୍ଷତା କରୁଥିବା କଲେଜିୟମ ସାମନାରେ ସେ ହାଜର ହୋଇଥିଲେ । ନିଜ ବୟାନ ଉପରେ କଲେଜିୟମ ଆଗରେ ପକ୍ଷ ରଖିବା ପାଇଁ ଜଷ୍ଟିସ୍ ଶେଖର କୁମାରଙ୍କୁ କୁହାଯାଇଥିଲା । ଡିସେମ୍ବର ୧୦ରେ ଆହ୍ଲାବାଦ ହାଇକୋର୍ଟର ଜଜ୍ ଶେଖର କୁମାର ଯାଦବଙ୍କ ଆପତ୍ତିଜନକ ଟିପ୍ପଣୀ ଉପରେ ସୁପ୍ରିମକୋର୍ଟ ଆକ୍ସନକୁ ଆସିଥିଲେ । ଜଜ୍‌ଙ୍କ ବୟାନକୁ ନେଇ ଖବରକାଗଜରେ ପ୍ରକାଶିତ ରିପୋର୍ଟ ଉପରେ ସୁପ୍ରିମକୋର୍ଟ ସ୍ୱତଃ ସଜ୍ଞାନ ନେଇଥିଲେ । ଏହାସହ ଘଟଣା ଉପରେ ହାଇକୋର୍ଟଙ୍କୁ ବିସ୍ତୃତ ରିପୋର୍ଟ ମଧ୍ୟ ମାଗିଥିଲେ । ନିୟମ ଅନୁସାରେ, କୌଣସି ନ୍ୟାୟଧୀଶଙ୍କ ବିବାଦୀୟ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ କଲେଜିୟମ ସମ୍ପୃକ୍ତ ହାଇକୋର୍ଟଙ୍କୁ ବିସ୍ତୃତ ରିପୋର୍ଟ ମାଗନ୍ତି । ଏହାସହ ପ୍ରଧାନ ବିଚାରପତି ଅଧ୍ୟକ୍ଷତା କରୁଥିବା ଶୀର୍ଷ ନ୍ୟାୟାଳୟର କଲେଜିୟମରେ ନିଜ ପକ୍ଷ ରଖିବା ପାଇଁ ସୁଯୋଗ ଦିଆଯାଇଥାଏ । ଡିସେମ୍ବର ୮ରେ ବିଶ୍ୱ ହିନ୍ଦୁ ପରିଷଦର ଲିଗାଲ୍ ସେଲ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜଷ୍ଟିସ୍ ଶେଖର କୁମାର କହିଥିଲେ ଯେ ଦେଶର ଆଇନ ସଂଖ୍ୟାଗରିଷ୍ଠଙ୍କ ହିସାବରେ ଚାଲିବ । କାରଣ ଘର ହେଉ ବା ସମାଜ ବହୁମତକୁ ଗ୍ରହଣ କରାଯାଏ । ଏହା ବ୍ୟତୀତ ସେ ଦେଶର ନିର୍ଦ୍ଦିଷ୍ଟ ସଂଖ୍ୟାଲଘୁଙ୍କ ପାଇଁ କଠମୁଲ୍ଲା ଶବ୍ଦ ମଧ୍ୟ ପ୍ରୟୋଗ କରିଥିଲେ । ଜଜ୍‌ଙ୍କ ଏଭଳି ଟିପ୍ପଣୀ ଉପରେ ଆଇନଜୀବୀଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତି ଆପତ୍ତି ଉଠାଇଥିଲେ । ଜଜ୍ ଶେଖର ଯାଦବ ମୁସଲମାନଙ୍କ ନାଁ ନନେଇ କହିଥିଲେ, 'ଅନେକ ପତ୍ନୀ ରଖିବା, ଟ୍ରିପଲ୍ ତଲାକ୍ ଏବଂ ହଲାଲା ପରି ପ୍ରଥା ଗ୍ରହଣୀୟ ନୁହେଁ । ଯହି ପର୍ସନାଲ ଲ' ଏପରି ଅନୁମତି ଦେଉଛି ବୋଲି କହିବେ, ତେବେ ବି ଏହାକୁ ଗ୍ରହଣ କରାଯିବ ନାହିଁ । ଆପଣମାନେ ସେହି ମହିଳାଙ୍କୁ ଅପମାନିତ କରିପାରିବେ ନାହିଁ, ଯାହାଙ୍କୁ ଆମ ଶାସ୍ତ୍ର ଏବଂ ବେଦରେ ଦେବୀଙ୍କ ମାନ୍ୟତା ଦିଆଯାଇଛି ।' ଏହି ଘଟଣାରେ କ୍ୟାମ୍ପେନ ଫର୍ ଜୁଡିସିଆଲ୍ ଆକାଉଣ୍ଟିବିଲିଟି ଆଣ୍ଡ ରିଫର୍ମ (ସିଜେଆର) ନାମକ ସଂସ୍ଥା ଜଷ୍ଟିସ୍ ଶେଖର କୁମାର ଯାଦବଙ୍କ ବିରୋଧରେ ସିଜେଆଇ ସଞ୍ଜୀବ ଖାନ୍ନାଙ୍କୁ ଚିଠି ଲେଖିଥିଲେ । ଜଷ୍ଟିସ୍ ଯାଦବଙ୍କ ଦ୍ୱାରା ଦିଆଯାଇଥିବା ବୟାନ ଅକ୍ଷମଣୀୟ ବୋଲି କୁହାଯାଇଥିଲା । ଚିଠିରେ ଲେଖାଯାଇଥିଲା, 'ଏପରି ବୟାନରୁ ସାଧାରଣ ଲୋକଙ୍କ ମନରେ ନ୍ୟାୟପାଳିକାର ସ୍ୱାୟତ୍ତ ଏବଂ ନିରପେକ୍ଷତାକୁ ନେଇ ସନ୍ଦେହ ସୃଷ୍ଟି ହୁଏ । ତେଣୁ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ନିଆଯିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ ।'

# ଅସୁରକ୍ଷିତ ବନ୍ୟପ୍ରାଣୀ :ସାତ ମାସରେ ଆଖି ବୁଜିଲେ ୯ ହାତୀ

**ଅନୁଗୁଳ, ୧୮/୧୨ ନ୍ୟୁଜ ବ୍ୟୁରୋ**



ଅନୁଗୁଳ ଜିଲ୍ଲାରେ ଅସୁରକ୍ଷିତ ବନ୍ୟପ୍ରାଣୀ । ମାତିଛନ୍ତି ଶିକାରୀ । କେତେବେଳେ ବିଦ୍ୟୁତ୍ ଫାଶ ତ ଆଉ କେଉଁଠି ଶିକାରୀର ଗୁଳି ମାଡ଼ରେ ଟଳି ପଡୁଛନ୍ତି ଗୋଟିଏ ପରେ ଗୋଟିଏ ବନ୍ୟପ୍ରାଣୀ । ଏକଦା ହାତୀଙ୍କ ଚାରଣ ଭୂମି ଭାବେ ଜଣାଶୁଣା ଅନୁଗୁଳ ହାତୀଙ୍କ ପାଇଁ ମରଣ ଭୂମି ପାଲଟିଛି । ଗତ ୭ ମାସ ମଧ୍ୟରେ ଜିଲ୍ଲାରେ ୯ଟି ହାତୀଙ୍କ ଜୀବନ ଯାଇଥିବା ଜଣାପଡିଛି । ଉଦ୍‌ବେଗର ବିଷୟ, ଗଲା ୭ ମାସରେ ଆଖି ବୁଜିଥିବା ୯ ହାତୀଙ୍କ ମଧ୍ୟରୁ ୩ଟି ହାତୀଙ୍କ ଜୀବନ ଯାଇଛି ଶିକାରୀଙ୍କ ବିଦ୍ୟୁତ୍ ଫାଶରେ । ସାତକୋଶିଆରୁ ଆରମ୍ଭ କରି ଅନୁଗୁଳ ଓ ଆଠମଲ୍ଲିକ ବନଖଣ୍ଡ ହେଉଛି ହାତୀଙ୍କ ଆବାସ ସ୍ଥଳୀ । ମାତ୍ର ଏହି ୩ ବନଖଣ୍ଡରେ ଚଳିତ ବର୍ଷ ଚିନ୍ତାଜନକ ଭାବେ ହାତୀ ମୃତ୍ୟୁ ବଢ଼ିଚାଲିଛି । ଗତ ୨୦୨୨-୨୩ ଆର୍ଥିକ ବର୍ଷରେ ଜିଲ୍ଲାରେ ୧୧ଟି ହାତୀଙ୍କ ଜୀବନ ଯାଇଥିବା ବେଳେ ୨୦୨୩-୨୪ ବର୍ଷରେ ୧୨ଟି ହାତୀଙ୍କ ମୃତ୍ୟୁ ଘଟିଥିଲା । ମାତ୍ର ଉଦ୍‌ବେଗର ବିଷୟ, ଚଳିତ ଆର୍ଥିକ ବର୍ଷର ଗତ ୭ ମାସ ମଧ୍ୟରେ ୯ଟି ହାତୀଙ୍କ ମୃତ୍ୟୁ ଘଟିଲାଣି । ସରକାରୀ ତଥ୍ୟ ମୁତାବକ, ଗତ ୭ ମାସରେ ଅନୁଗୁଳ ବନଖଣ୍ଡରେ ୪ଟି ହାତୀଙ୍କ ଜୀବନ ଯାଇଛି । ଏଥିରୁ ୨ଟି ହାତୀ ଶିକାରୀଙ୍କ ଦ୍ୱାରା ବିଛା ଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ପ୍ରାଣ ହରାଇଛନ୍ତି । ଆଉ ୨ଟି ହାତୀଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି । ସେହିପରି ଆଠମଲ୍ଲିକ ବନଖଣ୍ଡରେ ୨ଟି ହାତୀଙ୍କ ମୃତ୍ୟୁ ହୋଇଥିବା ବେଳେ ଗୋଟିଏ ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ଓ ଅନ୍ୟ ଗୋଟିଏ ପ୍ରତିଶୋଧ ପରାୟଣ ହତ୍ୟା ବୋଲି ବନ ବିଭାଗ ପକ୍ଷରୁ ଦର୍ଶାଯାଇଛି । ଅପରପକ୍ଷରେ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡରେ ୩ଟି ହାତୀଙ୍କ ମୃତ୍ୟୁ ହୋଇଛି । ଏଥିରୁ ୨ଟି ହାତୀ ରୋଗରେ ଓ ଅନ୍ୟ ଗୋଟିଏର ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା କୁହାଯାଇଛି । କେବଳ ହାତୀ ମୃତ୍ୟୁ ନୁହଁ, ବନ୍ୟପ୍ରାଣୀ ମୃତ୍ୟୁ ମଧ୍ୟ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି । ଗତ ସାତ ମାସରେ ଅନୁଗୁଳ ବନଖଣ୍ଡରେ ଗୋଟିଏ ସମ୍ବର, ୪ଟି ହରିଣ, ୨ଟି ବାରହାଙ୍କ ମୃତ୍ୟୁ ହୋଇଛି । ଆଠମଲ୍ଲିକ ବନଖଣ୍ଡରେ ୪ଟି ହରିଣ, ୩ଟି ବାରହା, ୨ଟି ଭାଲୁ ଆଖି ବୁଜିଥିବା ବେଳେ ସାତକୋଶିଆ ବନଖଣ୍ଡରେ ୮ଟି ଗୟଳ, ୫ଟି ହରିଣ ଓ ୨ଟି ବାରହା ମୃତ୍ୟୁ ମୁଖରେ ପଡ଼ିଥିବା ସରକାରୀ ତଥ୍ୟ କହୁଛି । ସରକାରୀ ତଥ୍ୟଠୁ ବାସ୍ତବ ଚିତ୍ର ବେଶ୍ ଚିନ୍ତାଜନକ । ଅନୁଗୁଳ ଓ ଆଠମଲ୍ଲିକ ବନଖଣ୍ଡରେ ହରିଣ ଓ ବାରହା ଶିକାର ବେଧଡ଼କ ଚାଲିଛି । ଶିକାରୀଙ୍କ ଭୂସ୍ୱର୍ଗ ପାଲଟିଛି ଏହି ଦୁଇ ବନଖଣ୍ଡ । ନିତି ଶିକାରୀ ବିଦ୍ୟୁତ୍ ଫାଶ ଓ ବନ୍ଧୁକ ସାହାଯ୍ୟରେ ଜନ୍ତୁ ଶିକାର କରୁଛନ୍ତି । ହରିଣ, ସମ୍ବର ଓ ବାରହା ମାରିବାକୁ ବିଦ୍ୟୁତ୍ ଫାଶ ବିଛା ଯାଉଥିବା ବେଳେ ସଂସ୍ପର୍ଶରେ ଆସି ହାତୀର ଜୀବନ ଯାଉଛି । ଅନୁଗୁଳ ବନଖଣ୍ଡରେ ଅଧିକାଂଶ ସମୟରେ ବନବିଭାଗ ବିଦ୍ୟୁତ୍ ଫାଶ ପାଇଁ ବ୍ୟବହୃତ ଜିଆଇ ତାର, ବାଉଁଶ ବାଡ଼ି ଆଦି ଜବତ କରୁଥିବା ବେଳେ ଶିକାରୀ ଖସି ଯାଉଛନ୍ତି । ଶିକାରୀଙ୍କ ଏହି ବିଦ୍ୟୁତ୍ ଫାଶ ହାତୀଙ୍କୁ କାଳ ହେଉଛି । ଅନୁଗୁଳ ବନଖଣ୍ଡରେ ଗଜସାଥୀ, ଗଜମିତ୍ର ନିଯୁକ୍ତି ସାଙ୍ଗକୁ ପାଟ୍ରୋଲିଂକୁ କଡାକଡି କରାଯାଇଛି । ପାଟ୍ରୋଲିଂ ଟିମ୍ ଅଧିକାଂଶ ସମୟରେ ଜନ୍ତୁ ଶିକାର ଯୋଜନା ପଣ୍ଡ କରୁଥିଲେ ହେଁ ଶିକାରୀଙ୍କ ପ୍ରାଦୁର୍ଭାବ ଥମିବାର ନାଁ ନେଉନାହିଁ । ବିଦ୍ୟୁତ୍ ଫାଶ ଜରିଆରେ ବନ୍ୟଜନ୍ତୁ ଶିକାର ବଢ଼ି ଚାଲିଥିବା ବେଳେ ଏଥିନେଇ ଠୋସ୍ ପଦକ୍ଷେପର ଆବଶ୍ୟକ ରହିଥିବା ପରିବେଶବିତ୍ ମତ ରଖିଛନ୍ତି ।

# ୨୬ରେ ସବୁ ନିର୍ବାଚନ ମଣ୍ଡଳୀରେ ପାଳନ ହେବ ବିଜେଡିର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର, ୧୮/୧୨ ନ୍ୟୁଜ ବ୍ୟୁରୋ**



ଡିସେମ୍ବର ୨୬ରେ ବିଜେଡି ପାଳିବ ପ୍ରତିଷ୍ଠା ଦିବସ । ପ୍ରତିଷ୍ଠା ଦିବସ ଅବସରରେ ବିଜେଡି ବିକାଶମୂଳକ କାର୍ଯ୍ୟକୁ ଲୋକଙ୍କୁ ମନେ ପକାଇବ । କାର୍ଯ୍ୟକ୍ରମରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଯୋଗଦେବେ । ସବୁ ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରତିଷ୍ଠା ଦିବସ ପାଳନ ହେବ । ଏନେଇ ବୁଧବାର ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ବିଜେଡିର ବରିଷ୍ଠ ନେତା ଦେବୀ ମିଶ୍ର । ବିଜେଡିର ପ୍ରତିଷ୍ଠା ଦିବସ ଅବସରରେ ଦଳ ବ୍ୟାପକ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରିବ । ଗଣଦୌଡ଼ ସହ ଜୀବନ ବିନ୍ଦୁ ରକ୍ତଦାନ ଶିବିର, ବୃକ୍ଷରୋପଣ ଭଳି କାର୍ଯ୍ୟକ୍ରମ କରାଯିବ । ପ୍ରତି ବ୍ଲକ ଓ ନଗରରେ ସଭା ଜରିଆରେ ନବୀନ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋଚନା କରାଯିବ । ସେପଟେ ବିଜେଡିର ପ୍ରତିଷ୍ଠା ଦିବସ ପୂର୍ବରୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳର ସମସ୍ତ କର୍ମକର୍ତ୍ତାଙ୍କୁ ଚିଠି ଲେଖି ଏନେଇ ଅବଗତ କରାଇଛନ୍ତି । ' ଡିସେମ୍ବର ୨୬ ତାରିଖରେ ଓଡ଼ିଶାବାସୀ ଓ ଓଡ଼ିଆଙ୍କ ପ୍ରିୟ ବିଜୁ ଜନତା ଦଳ ତା'ର ୨୭ ବର୍ଷ ପୂରଣ କରି ୨୮ ବର୍ଷରେ ପଦାର୍ପଣ କରୁଛି । ଗତ ୨୭ ବର୍ଷ ଧରି ଉତ୍ସର୍ଗୀକୃତ ମନୋଭାବ ନେଇ ନିଷ୍ଠାପର ଭାବେ ଜନଗଣଙ୍କ ପାଇଁ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରି ଆସୁଛି । ଏହି ୨୭ ବର୍ଷଧରି ଲୋକଙ୍କ ସେବା ଓ ରାଜ୍ୟର ବିକାଶ କରି ଆସୁଥିବା ଏହି ଦଳର ରାଜନୈତିକ କାର୍ଯ୍ୟକ୍ରମ ସହିତ ତା'ର ସାମାଜିକ ଅଙ୍ଗୀକାରବଦ୍ଧତା ପାଇଁ ଅନ୍ୟ ସର୍ବଭାରତୀୟ ବଡ ଓ ଆଞ୍ଚଳିକ ଦଳମାନଙ୍କ ଭିତରେ ଆମ ପ୍ରିୟ ଦଳକୁ ଏକପ୍ରଶଂସନୀୟ ପରିଚୟ ଆଣିଦେଇଛି । ଏହା ଏକ ସମାଜିକ ଆନ୍ଦୋଳନରେ ପରିଣତ ହୋଇଛି । ବିଜୁ ବାବୁଙ୍କ ଆଦର୍ଶରେ ଓଡ଼ିଶାର ସବୁ କ୍ଷେତ୍ରରେ ଏବଂ ସବୁ ବର୍ଗର ଲୋକମାନଙ୍କ ବିକାଶ ପାଇଁ ବିଜେଡିର ଆଭିମୁଖ୍ୟ ଜନସାଧାରଣଙ୍କ ଅକୁଣ୍ଠ ସମର୍ଥନ, ଶୁଭେଚ୍ଛା ପାଇଆସିଛି । ଦଳର କର୍ମକର୍ତ୍ତା, ଜନପ୍ରତିନିଧି, ଗାଁରୁ ସହର ତଥା ସମସ୍ତ ବସ୍ତି ପର୍ଯ୍ୟନ୍ତ ଲୋକମାନଙ୍କର ସେବାରେ ନିୟୋଜିତ କର୍ମୀ, ଆଗୁଆ ସାଥୀମାନଙ୍କ ନିଷ୍ଠା, କଠିନ ପରିଶ୍ରମ ଓ ମନୋଭାବ ଆଜି ବିଜୁ ଜନତା ଦଳକୁ ଲୋକଙ୍କ ନିକଟତର କରିଛି । ସାମ୍ପ୍ରତିକ ପରିସ୍ଥିତିରେ ଓଡ଼ିଶାର ସର୍ବାଧିକ ଜନାଦେଶ ପାଇଥିବା ଆମ ଦଳ ଏକ ଦାୟିତ୍ୱ ସମ୍ପନ୍ନ ବିରୋଧୀ ଦଳ ତା'ର ବିକାଶରେ ଆଭିମୁଖ୍ୟକୁ ଆଗେଇନେବା ସହିତ ବିଭିନ୍ନ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଗୁଡ଼ିକରେ ଜନସାଧାରଣଙ୍କୁ ସଚେତନ କରାଇବ ଓ ଓଡ଼ିଶାର ତଥା ଲୋକଙ୍କର ସ୍ୱାର୍ଥକୁ ନେଇ ସ୍ୱର ଉତ୍ତୋଳନ କରିବ । ଓଡ଼ିଶାବାସୀଙ୍କ ଭଲପାଇବାକୁ ପାଥେୟ କରି ବିଜେଡି ତା'ର କାର୍ଯ୍ୟକ୍ରମକୁ ଜାରି ରଖିବ ।

### ଭରତପୁର ଥାନା ମାମଲାରେ ଶୁଣାଣି ଶେଷ

# ତଦନ୍ତ କମିଶନଙ୍କ ସାମ୍ନାରେ ହେବ ସାକ୍ଷୀଙ୍କ ବୟାନ ରେକର୍ଡ

**ଭୁବନେଶ୍ୱର ୧୮।୧୨ ନ୍ୟୁଜ ବ୍ୟୁରୋ**

ଭରତପୁର ଥାନା ମାମଲାରେ ବୁଧବାର ସରିଲା ଶୁଣାଣି । ଆସନ୍ତା ୨୨ ତାରିଖରୁ ହେବ ସାକ୍ଷ୍ୟ ପ୍ରମାଣ ଗ୍ରହଣ । ସାକ୍ଷୀ ମାନଙ୍କର ବୟାନ ରେକର୍ଡ ହେବ । କମିଶନରଙ୍କ ସାମ୍ନାରେ ସାକ୍ଷୀଙ୍କ ବୟାନ ରେକର୍ଡ କରାଯିବ । ସମସ୍ତ ସାକ୍ଷୀଙ୍କ ବୟାନ ରେକର୍ଡ ପରେ ପରବର୍ତ୍ତୀ ଶୁଣାଣି ହେବ । ତେବେ ବୁଧବାରର ଶୁଣାଣିରେ ଉଭୟ ପୋଲିସ ଏବଂ ପୀଡ଼ିତଙ୍କ ପକ୍ଷରୁ ଓକିଲ ଉପସ୍ଥିତ ଥିଲେ ।

## କୋରାପୁଟ ଅଭିମୁଖେ ବାହାରିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

**ଭୁବନେଶ୍ୱର, ୧୮/୧୨ ନ୍ୟୁଜ ବ୍ୟୁରୋ**

ଜୟପୁର ବିମାନ ବନ୍ଦରରୁ କୋରାପୁଟ ଅଭିମୁଖେ ବାହାରିଲେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ବୁଧବାର ଆନ୍ଧ୍ରପ୍ରଦେଶ ଆରକୁ ଭ୍ୟାଲି ପରିଦର୍ଶନ କରି ଆନ୍ଧ୍ରପ୍ରଦେଶର କଫି, ଗୋଲମରିଚ ଚାଷ ସହିତ ଅନେକ ପର୍ଯ୍ୟଟନ କ୍ଷେତ୍ରକୁ କରିଥିଲେ ଅନୁଧ୍ୟାନ । ତତ୍କାଳୀନ ସରକାରରେ ପର୍ଯ୍ୟଟନ କ୍ଷେତ୍ରରେ ଯାହା ହୋଇନାହିଁ କୋରାପୁଟ ଜିଲ୍ଲାରେ ତାହାର ବିକାଶ କରାଯିବ । ଆଦିବାସୀ ପରମ୍ପରାକୁ ଆନ୍ଧ୍ରବାସୀ ସଠିକ୍ ରୂପରେ ପ୍ରଦର୍ଶନ କରିଛନ୍ତି । ଯାହା କୋରାପୁଟରେ ସଠିକ୍ ଭାବରେ କରାଯାଉନାହିଁ ଯାହାକୁ ଆଗକୁ ଗୁରୁତ୍ୱ ଦିଆଯିବ । ସୁଭଦ୍ରା ଯୋଜନାରେ ପ୍ରାୟ ୩ ଲକ୍ଷରୁ ଅଧିକ ଆବେଦନ କୋରାପୁଟ ଜିଲ୍ଲାରୁ ଆସିଥିଲା । ୨ ଲକ୍ଷ ୫୦ ହଜାର ମହିଳା ପାଇ ସାରିଛନ୍ତି ସୁଭଦ୍ରା ଟଙ୍କା । ଆଉ ଯେଉଁଠାରେ ଇଣ୍ଟରନେଟରେ ସମସ୍ୟା ଥିଲା ତାହା ହୋଇନାହିଁ । ତୁରନ୍ତ ଚତୁର୍ଥ ପର୍ଯ୍ୟାୟରେ ଯୋଗାଇ ଦିଆଯିବ । ମିଶନ ଶକ୍ତିରେ ଯେଉଁ ସ୍କୁଟି ଯୋଜନା ଥିଲା ସେଥିରେ ମହିଳାମାନେ ଲାଭ ପାଉ ନଥିଲେ । କାରଣ ସେହି ଯୋଜନା ମାଗଣା ନ ଥିଲା । ସ୍କୁଟି ପାଇଁ ମହିଳାଙ୍କୁ ଟଙ୍କା ଦେବାକୁ ପଡୁଥିଲା, ଯାହା ମହିଳାମାନଙ୍କୁ ଋଣ ବୋଝ ମୁଣ୍ଡାଇବା ପାଇଁ ଏହି ଯୋଜନା କରିଥିଲେ ।

# ରାଜଧାନୀରେ ପାର୍ଟ ପ୍ଲଟ୍ ଦୁଃଖ : ମାଲିକାନା ଦସ୍ତାବିଜ ଥାଇବି କୋଠାବାଡ଼ି ନିର୍ମାଣ କରିହେଉନି କି ବିକି ହେଉନି

**ଭୁବନେଶ୍ୱର, ୧୮/୧୨ ନ୍ୟୁଜ ବ୍ୟୁରୋ**



ରାଜଧାନୀରେ ଜମି ଅଛି । ମାଲିକାନା ଦସ୍ତାବିଜ ବି ଅଛି । ମାତ୍ର ସବୁ ଥାଇ ବି କିଛି ନାହିଁ । ନା ସେଥିରେ କୋଠାବାଡ଼ି ନିର୍ମାଣ କରିପାରୁଛନ୍ତି ନା ଦରକାର ବେଳେ ବିକି ପାରୁଛନ୍ତି । ପାର୍ଟ ପ୍ଲଟ (ବଡ଼ ପ୍ଲଟର କିଛି ଅଂଶ) ଉପରେ ଏମିତି ରୋକ୍ ଲାଗିଛି, ବିଚରା ଜମି ମାଲିକ ହାତ ବାନ୍ଧି ବସିଛନ୍ତି । ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଅଞ୍ଚଳରେ ଏମିତି ହଜାର ହଜାର ପାର୍ଟ ପ୍ଲଟର ମାଲିକ କେବଳ ମାଲିକାନା କାଗଜ ଧରି ବସିଛନ୍ତି । କିଏ ଝିଅ ବାହାଘର ପାଇଁ କାନ୍ଦୁଛି, ଆଉ କିଏ ଚିକିତ୍ସା ଖର୍ଚ୍ଚ ପାଇଁ ଉପରକୁ ଚାହିଁ ରହିଛି । ସମସ୍ୟା ସମାଧାନ ନେଇ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ଚାଲିଛନ୍ତି । ମାତ୍ର ସାଢ଼େ ୩ ବର୍ଷ ପରେ ବି ସ୍ଥିତି ବଦଳିନି । ସବ୍ ପ୍ଲଟ/ପାର୍ଟ ପ୍ଲଟ ଦୁଃଖ ସରୁନି । ଇତିମଧ୍ୟରେ ସରକାର ବି ବଦଳିଯାଇଛନ୍ତି, କିନ୍ତୁ ସ୍ଥିତି ଯଥା ପୂର୍ବଂ ତଥା ପରଂ । ୨୦୨୧ରେ ବିଡିଏ ଏମିତି ଏକ ଅଜବ ନିୟମ ଆଣିଲା- ସବ୍ ପ୍ଲଟ ବା ପାର୍ଟ ପ୍ଲଟ କିଣାବିକାରେ ଏକପ୍ରକାର ରୋକ୍ ଲାଗିଯାଇଛି । ରାଜସ୍ୱ ବିଭାଗକୁ ବିଡିଏ ଚିଠିରେ ଜଣାଇଲା- ଯେଉଁ ସବ୍ ପ୍ଲଟ/ପାର୍ଟ ପ୍ଲଟ ବିଡିଏରୁ ଲେ-ଆଉଟ ପ୍ଲାନ ଆଣି ନଥିବେ, ତାହା କିଣାବିକା ହୋଇପାରିବନି । ୨୦୨୧ ଜାନୁଆରୀ ୧୧ରେ ବିଡିଏ ଲେଖିଥିବା ଚିଠିକୁ ଆଧାର କରି ରାଜସ୍ୱ ବିଭାଗ ତତ୍କାଳ ଏହି କଟକଣା ଲାଗୁ କରିବାକୁ ସବ୍‌ରେଜିଷ୍ଟ୍ରାରମାନଙ୍କୁ ନିର୍ଦ୍ଦେଶ ଦେଲେ । ସେବେଠାରୁ ଏ ଅଜବ ନିୟମ ବଳବତ୍ତର ରହିଛି । ଯଦିଓ କିଛି ଜାଗାରେ ସବରେଜିଷ୍ଟ୍ରାର କାର୍ଯ୍ୟାଳୟର ଅଧିକାରୀଙ୍କୁ ମୋଟା ଅଙ୍କର ମାଲ୍ ଦେଇ ଗଳା ବାଟରେ ଏହାକୁ ବିକ୍ରି କରି ଦିଆଯାଉଛି । ହେଲେ ସାଧାରଣ ଲୋକଙ୍କ ପାଇଁ ଏହା ସମ୍ଭବପର ନୁହେଁ । ରାଜଧାନୀ ସମେତ ଏହାର ଉପକଣ୍ଠରେ ଥିବା ଜମି ମାଲିକ ଏବେ ପ୍ରତିଦିନ ବିଡିଏ ଓ ସବ୍‌ରେଜିଷ୍ଟ୍ରାର ଦପ୍ତର ଧାଉଁଛନ୍ତି । ଜୀବନର ସବୁ ପୁଞ୍ଜି ଲଗାଇ ଯେଉଁ ଜମି ଖଣ୍ଡିଏ (ସବ୍ ପ୍ଲଟ) କିଣିଥିଲେ, ତାହା ବି କାମରେ ଲାଗୁନି । ସେମିତି ପରିବାର ଭାଗ ପରେ ବି ପୈତୃକ ସମ୍ପତ୍ତି ବି ପାର୍ଟ ପ୍ଲଟ ନିୟମରେ ଫସିଛି । ପାର୍ଟ ପ୍ଲଟରେ ଲେ-ଆଉଟ ପ୍ଲାନ ପାଇବା କାଠିକର ପାଠ ହେଉଛି । କାରଣ ମୂଳ ପ୍ଲଟ୍ ଯେବେ ଫାଙ୍କା ଥିଲା, ସେତେବେଳେ ବିଲ୍‌ଡର ରାସ୍ତା, ଡ୍ରେନ ଆଦି ଭିତ୍ତିଭୂମି ପାଇଁ ଜାଗା ଦେଖାଇ ଲେ-ଆଉଟ ପ୍ଲାନ ହାତେଇଥିଲା । ମାତ୍ର ମୂଳ ପ୍ଲଟ ଭାଗ ଭାଗ ହେବା ପରେ ସବ୍ ପ୍ଲଟ/ପାର୍ଟ ପ୍ଲଟ କିଣିଥିବା ଲୋକେ ଏବେ ରାସ୍ତା ପାଇଁ ପର୍ଯ୍ୟାପ୍ତ ଜାଗା ଛାଡ଼ିବେ କେମିତି ବିଚରା ଲୋକେ କେବଳ ଦହଗଞ୍ଜ ହେଉଛନ୍ତି । ଏ ନେଇ ବହୁବାର ଦାବି ଉଠିବା ପରେ ଚାଷ ଜମି ପାଇଁ ଉଦ୍ଦିଷ୍ଟ କଟକଣା ଉଠିଯାଇଛି । ମାତ୍ର ଘରବାଡ଼ି କିସମ ସବ୍/ପାର୍ଟ ପ୍ଲଟ ଉପରୁ କଟକଣା ହଟୁନି । ପ୍ରତିଦିନ ବିଡିଏ ଅଫିସରେ ଚକ୍କର କାଟୁଛନ୍ତି ଅନେକ ଲୋକ । ବେଳେବେଳେ ଦଲାଲଙ୍କ ହାବୁଡ଼ରେ ପଡ଼ି ଠକେଇର ଶିକାର ବି ହେଉଛନ୍ତି । ଏସବୁ ସମସ୍ୟା ଗତ ସରକାର ସମୟରୁ ଚାଲି ଆସିଛି । ବର୍ତ୍ତମାନ ନଗର ଉନ୍ନୟନ ବିଭାଗ ଏହା ଉପରେ ତର୍ଜମା ଚଳାଇଛି । ନିକଟରେ ନଗର ଉନ୍ନୟନ ବିଭାଗ ଓ ରାଜସ୍ୱ ବିଭାଗ ଏକାଠି ବସି ସମସ୍ୟାର ସମାଧାନ ବାଟ ବାହାର କରିବାକୁ ଆଲୋଚନା କରିଥିଲେ । ଏ ସମ୍ପର୍କରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତର ଦେଇ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଏ ସମସ୍ୟା ଦୀର୍ଘଦିନର । ସମାଧାନ ପାଇଁ ନଗର ଉନ୍ନୟନ ବିଭାଗ ଓ ରାଜସ୍ୱ ବିଭାଗ ମିଳିତ ଭାବେ କାମ କରୁଛନ୍ତି । ଶୀଘ୍ର ସମସ୍ୟାର ସମାଧାନ ହେବ । ସେହିପରି ଆପାର୍ଟମେଣ୍ଟ ହସ୍ତାନ୍ତର ସମସ୍ୟାର ବି ସମାଧାନ କରାଯିବ । ଏନେଇ ଏସ୍‌ଓପି ପ୍ରସ୍ତୁତ ହେଉଛି ।

